ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ) କାର୍ଯ୍ୟକ୍ରମ

## ସାମ୍ବାଦିକତା ଓ ଗଣ ଯୋଗାଯୋଗ (BJMC)

ପାଠ୍ୟକ୍ରମ - ୨

ଗଣମାଧ୍ୟମ ଓ ଯୋଗାଯୋଗ ଏକ ଉପକ୍ରମ

ବ୍ଲକ୍

## ୪ ଯୋଗାଯୋଗ ମଡ଼େଲ

ପ୍ରଥମ ଏକକ : ଯୋଗାଯୋଗ ମଡ଼େଲ ସଂକ୍ରାନ୍ତ ଧାରଣା

ଦ୍ୱିତୀୟ ଏକକ : ଯୋଗାଯୋଗର ପ୍ରାରମ୍ଭିକ ମଡ଼େଲ

ତୃତୀୟ ଏକକ : ବର୍ଲୋଙ୍କ ମଡ଼େଲ, ଶାନନ୍ ଓ ୱିଭର ମଡ଼େଲ, ଡ଼େଫଲୁର ମଡ଼େଲ, କାଜ୍ ଓ ଲାଜାରଫେଲ୍ଡ ମଡ଼େଲ

ଚତୁର୍ଥ ଏକକ : ଅନ୍ୟାନ୍ୟ ମଡ଼େଲ: ନିୟୁକମ୍ବ, ୱେଷ୍ଟଲି ଓ ମ୍ୟାକ୍‌ନଲି, କନଭର୍ଜେନ୍‌ସ, ହେଲିକାଲ, ଏନ୍‌କୋଡ଼ିଂ-ଡିକୋଡ଼ିଂ, ରିଚ୍ୟୁଆଲ, ପ୍ରଚାର

ୟୁଜିସି ଦ୍ୱାରା ନିର୍ଦ୍ଧାରିତ ଚଏସ୍ ବେସ୍‌ଡ କ୍ରେଡ଼ିଟ ସିଷ୍ଟମ (ସିବିସିଏସ୍)ଅନୁସରଣରେ ବି.ଏ (ସମ୍ମାନ) ସାମ୍ବାଦିକତା ଓ ଗଣ ଯୋଗାଯୋଗ (BJMC) ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

**ପାଠ୍ୟକ୍ରମ : ୨**

**ବ୍ଲକ୍ : ୪**

**ପ୍ରଥମ ସଂସ୍କରଣ : ୨୦୨୧**

**ଲେଖକ : ଶ୍ରେଷ୍ଠି ଏସ୍ ମିଶ୍ର,**
ମିଡ଼ିଆ ଏକାଡ଼େମିସିଆନ,
**ସାମନ୍ତ ବିଶ୍ୱଭୂଷଣ ଧୀର,**
ଶୈକ୍ଷିକ ପରାମର୍ଶଦାତା, ସାମ୍ବାଦିକତା ଓ ଗଣଯୋଗାଯୋଗ କାର୍ଯ୍ୟକ୍ରମ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।
**ଶୀତଲ ପୂର୍ଣ୍ଣିମା,**
ଶୈକ୍ଷିକ ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।
**ଅଶ୍ୱିନୀ କୁମ୍ଭଲେ,**
ସହକାରୀ ପ୍ରଫେସର, ଆଇଆଇଏମସି, ଅମରାବତୀ

**ପାଠ୍ୟକ୍ରମ ସମ୍ପାଦକ : ଡକ୍ଟର ଭାରତୀବାଳା ପଟ୍ଟନାୟକ,**
ଏଚଓଡ଼ି, ଜେଏମସି, ଏସଏମଆଇଟି, ବ୍ରହ୍ମପୁର,
**ଡକ୍ଟର ଆଶିଷ କୁମାର ଦ୍ୱିବେଦୀ,**
ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା, ସାମ୍ବାଦିକତା ଓ ଗଣଯୋଗାଯୋଗ କାର୍ଯ୍ୟକ୍ରମ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2021. "ଯୋଗାଯୋଗ ମଡ଼େଲ" is made available under a Creative Commons Attribution-ShareAlike 4.0http : creative commons.org/ licences/ by-sa/4.0

# ପ୍ରଥମ ଏକକ : ଯୋଗାଯୋଗ ମଡ଼େଲ ସଂକ୍ରାନ୍ତ ଧାରଣା

## ବିଷୟ ଗଠନ :


୧.୧ ପଠନର ଉଦ୍ଦେଶ୍ୟ

୧.୨ ଉପକ୍ରମ

୧.୩ ଯୋଗାଯୋଗ ତତ୍ତ୍ୱ ସଂକ୍ରାନ୍ତ ଧାରଣା

୧.୪ ଯୋଗାଯୋଗ ମଡ଼େଲ ସଂକ୍ରାନ୍ତ ଧାରଣା

୧.୫ ମଡ଼େଲ ଓ ଏହାର ଗୁରୁତ୍ୱ

୧.୬ ଯୋଗାଯୋଗ ମଡ଼େଲର ଶ୍ରେଣୀ ବିଭାଗ

୧.୭ ଯୋଗାଯୋଗର ଲିନିୟର ଓ ଅଣଲିନିୟର ମଡ଼େଲ

୧.୮ ମଡ଼େଲର ଉପଯୋଗୀତା

୧.୯ ମଡ଼େଲର ସୀମିତତା

୧.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ


## ୧.୧ ପଠନର ଉଦ୍ଦେଶ୍ୟ

ଗବେଷଣା ପାଇଁ ମାର୍ଗଦର୍ଶକ ହେବା ସହ ଗବେଷଣାଲବ୍‌ଧ ତଥ୍ୟ ପ୍ରଦର୍ଶନର ମାଧ୍ୟମ ମଡ଼େଲ ହୋଇଥାଏ । ବିଦ୍ୱାନ, ପେଶାଦାର ଓ ଛାତ୍ରଛାତ୍ରୀଙ୍କ ପାଇଁ ମଡ଼େଲଗୁଡ଼ିକ ଉପକରଣ ଭାବେ ଉପଯୋଗ ହୋଇଥାଏ । ଏହା ଜରିଆରେ ସେମାନେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜ ଚିନ୍ତାଧାରା ପରିପ୍ରକାଶ କରିବାରେ ସମର୍ଥ ହୋଇଥାନ୍ତି । ସମୟକ୍ରମେ ଅନେକ ଜଟିଳ ମଡ଼େଲ ପାଇଁ ପଥ ପ୍ରଦର୍ଶକ ହୋଇଥିବା ଆଦ୍ୟ ମଡ଼େଲ ସଂପର୍କରେ ଆମେ ଏହି ଅଧ୍ୟାୟରେ ଜାଣିବା ।

## ୧.୨ ଉପକ୍ରମ

ଜାଣି ହେଉଥିବା ପରି ମଣିଷର କାର୍ଯ୍ୟଧାରାକୁ ସାଧାରଣରେ ଯୋଗାଯୋଗ ବୋଲି କୁହାଯାଇଥାଏ । କିନ୍ତୁ ଅଳ୍ପ କିଛି ବ୍ୟକ୍ତି ଏହାର ସଂଜ୍ଞା ସଠିକ୍ ଭାବେ ନିର୍ଦ୍ଧାରଣ କରିପାରନ୍ତି । ଅନ୍ୟମାନଙ୍କ ସହ କଥାବାର୍ତ୍ତା ବା ଆଲୋଚନା, ଟେଲିଭିଜନ, ମୁଦ୍ରିତ, ରେଡ଼ିଓ, ଅନ୍ୟାନ୍ୟ ସ୍ଥାନୀୟ ମାଧ୍ୟମ ଯଥା ଲୋକ ସଂଗୀତ ବା ଡ୍ରାମା, ସିନେମା ଆଦି ଗଣଯୋଗାଯୋଗର ବିଭିନ୍ନ ମାଧ୍ୟମରେ ସୂଚନା ସଂଗ୍ରହ ଓ ପ୍ରସାରଣ ଦ୍ୱାରା ଚିନ୍ତାଧାର ଓ ସୂଚନାର ପ୍ରସାର ଘଟିଥାଏ । ମଣିଷର ଯୋଗାଯୋଗ କେବଳ କଥାବାର୍ତ୍ତା ମଧ୍ୟରେ ସୀମିତ ନୁହେଁ । ତେଣୁ ବିବିଧ ଯୋଗାଯୋଗ ମଧ୍ୟରେ 'ପୁନଃ ଅଧ୍ୟୟନ ବିଷୟ' ଭାବେ ଯୋଗାଯୋଗର ସଂପୂର୍ଣ୍ଣ ସଂଜ୍ଞା ନିର୍ଦ୍ଧାରଣ କରିବା ବିଦ୍ୱାନମାନଙ୍କ କ୍ଲିଷ୍ଟ ହୋଇଥାଏ ।

ସବୁ ଯୋଗାଯୋଗରେ ସଂକେତ ଓ ନିୟମାବଳୀ ରହିଥାଏ । ସଂକେତ ହେଉଛି ଏପରି ଏକ କାର୍ଯ୍ୟ ଯାହା ନିଜକୁ ଛାଡ଼ି ଅନ୍ୟକିଛିକୁ ସୂଚୀତ କରିଥାଏ । ଅର୍ଥାତ ଏହା ନିର୍ମାଣ ବା ଗଠନକୁ ସୂଚିତ କରିଥାଏ । ନିୟମାବଳୀ ହେଉଛି ଏକ ବ୍ୟବସ୍ଥା ଯାହାଦ୍ୱାରା ସଂକେତକୁ ସଂଗଠିତ କରାଯାଏ । ଫଳରେ ସଂକେତ କିପରି ପରସ୍ପର ସଂଯୋଜିତ ତାହା ନିର୍ଦ୍ଧାରିତ ହୋଇଥାଏ ।

## ୧.୩ ଯୋଗାଯୋଗ ତତ୍ତ୍ୱ ସଂକ୍ରାନ୍ତ ଧାରଣା

ଯୋଗାଯୋଗ ହେଉଛି କୌଣସି ସୂତ୍ରରୁ ବାର୍ତ୍ତା ଗ୍ରହଣ ଓ ବିତରଣଜନିତ ଏକ ପ୍ରକ୍ରିୟା । ଅର୍ଥାତ ପାରସ୍ପରିକ ବୁଝାମଣା ଜରିଆରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଏହା ଘଟିପାରେ । ଏହା ହେଉଚି ଗଭୀର ଆଚରଣଗତ କ୍ରିୟା ଯାହା ସମାଜ ଗଠନ କରିଥାଏ । ଯୋଗାଯୋଗ ପ୍ରକ୍ରିୟାରେ ପ୍ରଥମେ ସୂଚନା ସଂଗ୍ରହ କରାଯାଏ ଏବଂ ବିତରଣକାରୀ ଏହି ସୂଚନାକୁ ପ୍ରାପକଙ୍କ ନିକଟକୁ ପ୍ରେରଣ କରିଥାନ୍ତି । ବାର୍ତ୍ତା ଗ୍ରହଣ ହେବା ପରେ ପ୍ରାପକ ଏହାକୁ ପାଠ କରିଥାନ୍ତି ଏବଂ ପ୍ରେରକଙ୍କୁ ମତାମତ ଜଣାଇଥାନ୍ତି । ଯେକୌଣସି ପ୍ରକାର ଯୋଗାଯୋଗରେ ସର୍ବଦା ଜଣେ ପ୍ରେରକ ଓ ଜଣେ ପ୍ରାପକ ରହିଥାନ୍ତି । ବକ୍ତବ୍ୟ, ସଙ୍ଗୀତ, କଣ୍ଠସ୍ୱର ଆଦି ମୌଖିକ ଯୋଗାଯୋଗ ବ୍ୟବସ୍ଥା ରହିଛି । ସେହିପରି ଅଣମୌଖିକ ବା ନିରବ ଯୋଗଯୋଗ ବ୍ୟବସ୍ଥା ମଧ୍ୟରେ ସାଂକେତିକ ଭାଷା, ଶରୀର ଅଙ୍ଗଭଙ୍ଗୀ, ଲେଖା, ସ୍ପର୍ଶ, ଚକ୍ଷୁର ମିଳନ ଆଦି ଅନ୍ତର୍ଭୁକ୍ତ । ଏବେ ବୁଝିବା ତତ୍ତ୍ୱ କିପରି ଆସିଲା । କାହିଁକି ଓ କିପରି ଏଗୁଡ଼ିକ ପ୍ରଣୟନ କରାଗଲା । ପୁଙ୍ଖାନୁପୁଙ୍ଖ ଗବେଷଣା ଦ୍ୱାରା କିଛି ଘଟଣାର କଳ୍ପନାଗତ ସିଦ୍ଧାନ୍ତକୁ 'ତତ୍ତ୍ୱ' କୁହାଯାଇଥାଏ ବୋଲି ଆମେ ଜାଣୁ । କିନ୍ତୁ ଯୋଗାଯୋଗ ପ୍ରକ୍ରିୟା ସଂପର୍କରେ ଜାଣିବାର ଗବେଷଣାକୁ 'ଯୋଗାଯୋଗ ତତ୍ତ୍ୱ' ବୋଲି କୁହାଯାଇଥାଏ । ଯୋଗାଯୋଗ ତତ୍ତ୍ୱ ଅନୁଧ୍ୟାନର ନୂଆ ବା ଭିନ୍ନ କ୍ଷେତ୍ର ନୁହେଁ । ଅନ୍ୟ ବିଷୟବସ୍ତୁ ମଧ୍ୟରେ ଏହା ରହିଛି ।

ଯୋଗାଯୋଗଜନିତ ସମସ୍ୟା ପ୍ରଥମେ ଆରିଷ୍ଟୋଟଲ ଚିହ୍ନଟ କରିଥିଲେ ଏବଂ ପ୍ରଭାବକାରୀ କଳାକୁ ଗୁରୁତ୍ୱ ଦେଇ ସେ ଏକ ତତ୍ତ୍ୱ ପ୍ରତିଷ୍ଠା କରିଥିଲେ । ବିଂଶ ଶତାବ୍ଦୀ ପୂର୍ବରୁ ମାନବିକ ଓ ପ୍ରଭାବିକ ଦୃଷ୍ଟିଭଙ୍ଗୀ ବା ଚିନ୍ତାଧାରା ତତ୍ତ୍ୱ ପ୍ରମାଣ ପାଇଁ ଉପଯୋଗ କରାଯାଉଥିଲା । କିନ୍ତୁ ବିଂଶ ଶତାବ୍ଦୀରେ ଅଧିକ ବିଜ୍ଞାନସମ୍ମତ ପ୍ରଣାଳୀ, ମାନସିକତା ଅନ୍ତର୍ଦୃଷ୍ଟି, ସମାଜବିଜ୍ଞାନ, ଭାଷାବିଜ୍ଞାନ, ବିଜ୍ଞାପନ ଆଦି ଯୋଗାଯୋଗ ତତ୍ତ୍ୱ ଓ ଅଭ୍ୟାସ ପ୍ରତି ଅଧିକ ଅନୁକଂପାଶୀଳ ହେଲେ ।

## ୧.୪ ଯୋଗାଯୋଗ ମଡ଼େଲ ସଂକ୍ରାନ୍ତ ଧାରଣା

ନିଜ ସହ, ଅନ୍ୟ ସହ ବା ବାହ୍ୟ ପରିବେଶ ସହ ମତବିନିମୟକୁ ଯୋଗାଯୋଗ କୁହାଯାଇଥାଏ । ଆମ ଯୋଗାଯୋଗର ଦୃଷ୍ଟିକୋଣ ବେଳେବେଳେ ନିର୍ଦ୍ଧାରିତ ହୋଇଥାଏ ବେଳେବେଳେ ଅଣନିର୍ଦ୍ଧାରିତ ଅଥବା ଅସ୍ପଷ୍ଟ ହୋଇଥାଏ । ନିଜ ଯୋଗାଯୋଗ ଉଦ୍ଦେଶ୍ୟ, ଲକ୍ଷ୍ୟଧାର୍ଯ୍ୟ ଗ୍ରାହକଙ୍କ ଉପରେ ବାର୍ତ୍ତାର ପ୍ରଭାବ ସଂପର୍କରେ ଆମେ ବହୁ ସମୟରେ ସଚେତନ ନଥାଉ । ସମସ୍ତଙ୍କ ପାଇଁ ସବୁ ସମୟରେ ଆମ ଯୋଗାଯୋଗ ପୂର୍ଣ୍ଣାଙ୍ଗ ହୋଇନପାରେ ।

ସର୍ବସାଧାରଣ ଯୋଗାଯୋଗରେ ତିନିଟି ଉପାଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏଗୁଡ଼ିକ ହେଲା ଇଥୋ, ଲୋଗୋ ଓ ପାଥୋ । ଇଥୋ ବକ୍ତାଙ୍କ ଚରିତ୍ରକୁ ବୁଝାଇଥାଏ । ବିଷୟ ବା ବକ୍ତବ୍ୟରେ ଥିବା ତଥ୍ୟ ଓ କାରଣର ଶକ୍ତି ହେଉଛି ଲୋଗୋ । ଦର୍ଶକଙ୍କ ମଧ୍ୟରେ ଆବେଗ ସୃଷ୍ଟିକୁ ପାଥୋ କୁହାଯାଇଥାଏ । ଯଦିଓ ଗତ ୩୦ ବର୍ଷରେ ଯୋଗାଯୋଗ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଘଟିଲାଣି ତଥାପି ପୂର୍ବରୁ ପ୍ରଣିତ ତତ୍ତ୍ୱ ଓ ମଡ଼େଲ ସମାନ ରହିଛି । ଏଥିରୁ ବୁଝାପଡୁଛି ଯେ, ଏହି ମଡ଼େଲ ନିଜ ଗୁରୁତ୍ୱ ହରାଇ ନାହିଁ ଓ ବର୍ତ୍ତମାନ ପରିସ୍ଥିତିରେ ଏହାର ପ୍ରୟୋଗ କରାଯାଉଛି । ତତ୍ତ୍ୱରୁ ମଡ଼େଲ ବିକାଶ କରାଯାଇଥାଏ । ଏହାଦ୍ୱାରା ଜଟିଳ ବିଷୟବସ୍ତୁ ସରଳ ଦୃଷ୍ଟିଭଙ୍ଗିରେ ଉପସ୍ଥାପିତ ହୋଇପାରିଥାଏ । ପର୍ଯ୍ୟବେକ୍ଷଣ ତଥ୍ୟ ଓ ପ୍ରଣାଳୀ ଅଧିକ ସରଳ ହୋଇ ମୌଳିକ ଚରିତ୍ର ପ୍ରତି ଦୃଷ୍ଟିଶୀଳ ହୋଇପାରେ । ସ୍ୱଳ୍ପ ଗୁରୁତ୍ୱ ପାଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ମଡ଼େଲ ଦୃଷ୍ଟି ଆକର୍ଷଣ କରାଯାଇଥାଏ। ତେଣୁ ମଡ଼େଲ ପରୀକ୍ଷାନିରୀକ୍ଷା ଦ୍ୱାରା ଜଣେ କେବଳ ବସ୍ତୁ, ପରିସ୍ଥିତି, ପ୍ରକ୍ରିୟା ସଂପର୍କରେ ଶିକ୍ଷା ଆହରଣ କରେ ସେକଥା ନୁହେଁ, ପ୍ରତିଷ୍ଠାତା ବା ନିର୍ମାତାଙ୍କ ଦୃଷ୍ଟିକୋଣ ସଂପର୍କରେ ଅବଗତ ହୋଇପାରେ । ଯୋଗାଯୋଗ ଶିକ୍ଷାରେ ଜଟିଳ ଧାରାକୁ ମଡ଼େଲ ସହାୟତାରେ ବିଦ୍ୱାନ ଓ ଛାତ୍ରଛାତ୍ରୀ ସହଜ କରି ବୁଝିପାରିଥାନ୍ତି । ଏହାର ଉପାଦାନ ଓ ପ୍ରକ୍ରିୟାକୁ ଜାଣିପାରନ୍ତି । ନିର୍ମାତାର ସୂକ୍ଷ୍ମ ଚେତନା ସଂପର୍କରେ ମଧ୍ୟ ଏହା ଧାରଣା ପ୍ରଦାନ କରିଥାଏ ।

## ୧.୫ ମଡ଼େଲ ଓ ଏହାର ଗୁରୁତ୍ୱ

ବାସ୍ତବ ଘଟଣାପ୍ରବାହକୁ ସଂକ୍ଷିପ୍ତ ଭାବେ ବିଭିନ୍ନ ସମୟରେ ବିଭିନ୍ନ ଭାବରେ ମଡ଼େଲ ଜରିଆରେ ଉପସ୍ଥାପନା କରାଯାଇଥାଏ । 'ଯୋଗାଯୋଗ ପ୍ରକ୍ରିୟା'ର ପରିବର୍ତ୍ତିତ ଧାରାରେ ଯୋଗାଯୋଗ ଏକ ଅତ୍ୟନ୍ତ ଜଟିଳ ଉପାଦାନ । ଯୋଗାଯୋଗ ପ୍ରକ୍ରିୟାରେ ଜଟିଳତା ଓ ନିରନ୍ତର ପରିବର୍ତ୍ତନ ଯୋଗୁଁ ସାଧାରଣ ତଥା ସରଳ ଢ଼ାଞ୍ଚାରେ ଉପସ୍ଥାପନା ପାଇଁ ମଡ଼େଲ ଉପଯୋଗ କରିବା ଅପରିହାର୍ଯ୍ୟ ହୋଇଥାଏ । ଏହାଫଳରେ ଯୋଗାଯୋଗର କାର୍ଯ୍ୟଧାରା ଓ ରୂପରେଖ ବର୍ଣ୍ଣନାତ୍ମକ ଢ଼ଙ୍ଗରେ ବୁଝାପଡ଼ିଥାଏ । ସରଳରେ ଯୋଗାଯୋଗ ମଡ଼େଲ ନିମ୍ନ ବିଷୟ ବୁଝାଇଥାଏ ।

ବିଭିନ୍ନ ସମୟରେ ବିଭିନ୍ନ ଭାବରେ ବାସ୍ତବ ପ୍ରକ୍ରିୟାକୁ ସଂକ୍ଷିପ୍ତ ଭାବେ ମଡ଼େଲ ଜରିଆରେ ଉପସ୍ଥାପନା କରିବାକୁ ମଡ଼େଲ କୁହାଯାଇଥାଏ । ଯୋଗାଯୋଗ ମଡ଼େଲ ଏକ ଛାୟା ମାତ୍ର, ଏହା ଅପଭ୍ରଂଶ ହୋଇପାରେ, କାରଣ ଏହା ଏକ ଗତିଶୀଳ କଥୋପକଥନ ବା ବିନିମୟଶୀଳତାକୁ ଅବରୋଧ ବା ଗତିରୋଧ କରିଥାଏ । ଗୋଟିଏ ବିଷୟକୁ ଅନ୍ୟ ଦୃଷ୍ଟିକୋଣରୁ ଦେଖୁଥିବାରୁ ମଡ଼େଲ ଏକ ରୂପାନ୍ତରଯୋଗ୍ୟ ଚରିତ୍ର ।

ଯୋଗାଯୋଗ ମଡ଼େଲର ୪ଟି କାର୍ଯ୍ୟ ହେଲା : ପ୍ରଥମତଃ ବିଭିନ୍ନ ଉପାଦାନକୁ ଏକତ୍ରିତ କରିବା, ଅର୍ଥପୂର୍ଣ୍ଣ, ଆଗ୍ରହପ୍ରଦ ଭାବରେ ଯୋଗଯୋଗର ପ୍ରକ୍ରିୟାକରଣ କରିବା । ଦ୍ୱିତୀୟତଃ ଯୋଗାଯୋଗ ସଂକ୍ରାନ୍ତ ନୂଆ ତଥ୍ୟ ଉନ୍ମୋଚନ କରିବାରେ ଏହା ସହାୟକ ହୋଇଥାଏ । ଏହା ଗବେଷରାଗତ ପ୍ରଶ୍ନ ସୃଷ୍ଟି କରିଥାଏ । ତୃତୀୟତଃ ଏକ ପରିସ୍ଥିତିରେ ଯୋଗାଯୋଗଜନିତ କଣ ଘଟିବ ତାହା ଆକଳନ କରିବାରେ ଏହା ସହାୟକ ହୋଇଥାଏ । ଚତୁର୍ଥତଃ ମଡ଼େଲଟି ଯୋଗାଯୋଗ ସହ ସଂଶ୍ଳିଷ୍ଟ ପ୍ରକ୍ରିୟା ଓ ବିଷୟବସ୍ତୁ ସଂପର୍କରେ ଏକ ହାରାହାରି ସ୍ଥିତି ସୂଚୀତ କରିଥାଏ ।

## ୧.୬ ଯୋଗାଯୋଗ ମଡ଼େଲର ଶ୍ରେଣୀ ବିଭାଗ

ଯୋଗାଯୋଗ ପ୍ରକ୍ରିୟାକୁ ଆମେ କିପରି ବୁଝୁ ଓ କିପରି ସଂଜ୍ଞା ନିର୍ଦ୍ଧାରଣ କରୁ ଏବଂ ବିଭିନ୍ନ ଭାବରେ ଏହାର କିପରି ପ୍ରୟୋଗ କରାଯାଇପାରିବ, ସେହିଭିତ୍ତିରେ ଯୋଗଯୋଗ ମଡ଼େଲ ପ୍ରସ୍ତୁତ ହୋଇପାରିବ । ଯୋଗଯୋଗ ମଡ଼େଲର ତିନିଟି ଶ୍ରେଣୀ ରହିଛି । ଏହା ହେଉଛି ସୋପାନ, କିସମ, ରୂପରେଖ । ଯୋଗଯୋଗ ମଡ଼େଲ ବିକାଶ ପାଇଁ ୪ଟି ସୋପାନ ରହିଛି : ଲିନିୟର ଓ ଅଣଲିନିୟର । ସାଂକେତିକ ମଡ଼େଲ, ଭୌତିକ ମଡ଼େଲ, ମାନସିକ ମଡ଼େଲ, ମୌଖିକ ମଡ଼େଲ, ପ୍ରତିରୂପ ମଡ଼େଲ, ଅନୁରୂପ ମଡ଼େଲ, ଗାଣିତିକ ମଡ଼େଲ ଆଦି ବିଭିନ୍ନ ରୂପରେ ଏହା ଉପସ୍ଥାପନା କରାଯାଇପାରେ ।

ଶବ୍ଦାବଳୀରେ ମୌଖିକ ମଡ଼େଲ ଉପସ୍ଥାପନା ପରି ରେଖଚିତ୍ର ମଡ଼େଲ କ୍ରମାନ୍ୱୟରେ ଉପସ୍ଥାପନା କରାଯାଇଥାଏ । ନିମ୍ନରେ ଯୋଗଯୋଗର ରେଖଚିତ୍ର ମଡ଼େଲ ପ୍ରଦାନ କରାଗଲା :

- ଗର୍ବନରଙ୍କ ସାଧାରଣ ଯୋଗାଯୋଗ ମଡ଼େଲ
- ୱେଷ୍ଟଲି ଓ ମ୍ୟାକ୍‌ନଲିଙ୍କ ଏବିସି ମାସ୍ କମ୍ୟୁନିକେସନ ମଡ଼େଲ
- ଡ଼େଫଲୁର ଏକ୍ସପାନ୍‌ସନ ଅଫ ଶାନନ୍ ଏଣ୍ଡ ୱିଭର ମଡ଼େଲ ଏଣ୍ଡ ଭୋରାସ୍ ମଡ଼େଲ ଫର ଡିଫ୍ୟୁଜିଂ କନସେପ୍ଟ ।
- ପ୍ରତିରୂପ ମଡ଼େଲରେ ବ୍ୟକ୍ତିର ଚିତ୍ରକଳା, ଫଟୋ, ସ୍ଥାପତ୍ୟ, ବସ୍ତୁ ଓ ଦୃଶ୍ୟ ଆଦି ଅନ୍ତର୍ଭୁକ୍ତ ।
- ବିଷୟବସ୍ତୁ ସହ ସାମଞ୍ଜସ୍ୟ ରକ୍ଷା କରୁଥିବା ରୂପରେଖ ହେଉଛି ଅନୁରୂପ ମଡ଼େଲ । କିନ୍ତୁ ଏହା ସଠିକ୍ ବସ୍ତୁ ପରି ନୁହେଁ । ଯେଭଳି କମ୍ପ୍ୟୁଟରକୁ ମଣିଷର ମସ୍ତିଷ୍କ ସହ ତୁଳନା କରାଯାଏ ।
- ଯୋଗାଯୋଗ କ୍ଷେତ୍ରରେ ଗାଣିତିକ ମଡ଼େଲ ସର୍ବଦା ଉପଯୋଗ କରାଯାଏ ନାହିଁ । କମ୍ୟୁନିକେସନ ନେଟୱର୍କ ବିଶ୍ଳେଷଣ ପାଇଁ ଗ୍ରାଫ୍ ତତ୍ତ୍ୱ ଓ ସୂଚନା ପ୍ରକ୍ରିୟାକରଣ ପାଇଁ ପରିସଂଖ୍ୟାନ ବିଷୟ ପାଇଁ ଗାଣିତିକ ମଡ଼େଲର ଉପଦେ




ଚିତ୍ର : ୧.୧

ଏହା ମଡ଼େଲର ବର୍ଗୀକରଣକୁ ଉପସ୍ଥାପିତ କରୁଛି । ଯୋଗାଯୋଗରେ ଆମେ ସାଙ୍କେତିକ ମଡ଼େଲ ଉପଯୋଗ କରୁଛେ, ଯାହା ମୌଖିକ ମଡ଼େଲ ଓ ଗାଣିତିକ ମଡ଼େଲକୁ ନେଇ ଗଠିତ । ପ୍ରତିରୂପ ଓ ସମରୂପ ମଡ଼େଲକୁ ନେଇ ଭୌତିକ ମଡ଼େଲ ଗଠିତ । ମୌଖିକ ମଡ଼େଲ ମୁଖ୍ୟତଃ ଶବ୍ଦରେ ବର୍ଣ୍ଣିତ ବାଖ୍ୟା । ଗର୍ବନର ମଡ଼େଲ, ଏସ୍‌ଏମସିଆର ମଡ଼େଲ,ଲାସୱେଲ ମଡ଼େଲ ଆଦି ମୌଖିକ ମଡ଼େଲର ଉଦାହରଣ । କିନ୍ତୁ ଶାନନ୍ ୱିଭର୍ସ ମଡ଼େଲ ଏକ ଗାଣିତିକ ମଡ଼େଲ । ଗାଣିତିକ ମଡ଼େଲରେ କମ୍ୟୁନିକେସନ ନେଟୱର୍କ ପାଇଁ ଗ୍ରାଫ୍ ତତ୍ତ୍ୱ ଓ ପରିସଂଖ୍ୟାନତ୍ମକ ତତ୍ତ୍ୱ ଏବଂ ସୂଚନା ପ୍ରକ୍ରିୟାକରଣ ବ୍ୟବସ୍ଥାର ପରିପ୍ରକାଶ କରାଯାଇଥାଏ । ପରବର୍ତ୍ତୀ ପରିଚ୍ଛେଦରେ ଆମେ ପୁଙ୍ଖାନୁପୁଙ୍ଖ ଭାବେ ଏହି ମଡ଼େଲଗୁଡ଼ିକ ବିଷୟରେ ଜାଣିବା ।

ଯୋଗାଯୋଗ ତତ୍ତ୍ୱ ସାଧାରଣତଃ ଗାଣିତିକ ସଙ୍କେତରେ ପରିପ୍ରକାଶ କରାଯାଏ ନାହିଁ । ଯୋଗଯୋଗ ବ୍ୟବସ୍ଥା ସାଧାରଣତଃ ଦୁଇଟି ବ୍ୟବସ୍ଥାକୁ ନେଇ ଗଠିତ – ଗଣମାଧ୍ୟମ ବ୍ୟବସ୍ଥା ଓ ମୌଖିକ ବ୍ୟବସ୍ଥା । ଗଣମାଧ୍ୟମ ବ୍ୟବସ୍ଥାରେ ସୂଚନା ପ୍ରବାହକୁ ପେଶାଦାର ଯୋଗାଯୋଗକାରୀଙ୍କ ଦ୍ୱାରା ସକ୍ରିୟ କରାଯାଇ ମୁଦ୍ରିତ, ରେଡ଼ିଓ, ଟେଲିଭିଜନ, ଫିଲ୍ମ, ଭିଡ଼ିଓ ଓ ଟେଲିଯୋଗାଯୋଗ ଆଦି ମାଧ୍ୟମରେ ପ୍ରସାରିତ କରାଯାଇଥାଏ ।

ବାର୍ତ୍ତା ବର୍ଣ୍ଣନାତ୍ମକ ଓ ନିରପେକ୍ଷ । ମୌଖିକ ମଡ଼େଲରେ ସୂଚନା ଜଣଙ୍କ ନିକଟରୁ ଅନ୍ୟ ଜଣଙ୍କ ନିକଟକୁ ପ୍ରବାହିତ ହୋଇଥାଏ । ଏଠାରେ ସୂଚନା ପରିପ୍ରକାଶ ପାଇଁ ସୂତ୍ର ସାମାଜିକ ଶ୍ରେଣୀବଦ୍ଧତାରେ ଅଧିକାରପ୍ରାପ୍ତ ହୋଇଥାଏ । ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଯେତେବେଳେ ଯୋଗାଯୋଗ ହୋଇଥାଏ ସେତେବେଳେ ଅନ୍ତଃବ୍ୟକ୍ତି ଚ୍ୟାନେଲ ବ୍ୟକ୍ତିଗତ ହୋଇଥାଏ ।

## ୧.୭ ଯୋଗାଯୋଗର ଲିନିୟର ଓ ଅଣଲିନିୟର ମଡ଼େଲ

ଏହା ହେଉଛି ମଡ଼େଲର ଦ୍ୱିତୀୟ ବିଭକ୍ତୀକରଣ । ଗଣମାଧ୍ୟମ ବ୍ୟବସ୍ଥା ଓ ମୌଖିକ ବ୍ୟବସ୍ଥାକୁ ଲିନିୟର ଓ ଅଣଲିନିୟର ମଡ଼େଲରେ ବିଭକ୍ତ କରାଯାଇପାରେ । ଲିନିୟର ମଡ଼େଲ ହେଉଛି ଏକଦିଗଯୁକ୍ତ ଯାହା ବା ବକ୍ତା ନିକଟରୁ ଶ୍ରୋତା ନିକଟକୁ ବାର୍ତ୍ତା ପ୍ରେରଣ କରିଥାଏ । ଏହା ପ୍ରଭାବଶାଳୀ ବା ପ୍ରଭାବହୀନ ହୋଇପାରେ । ଏହି ମଡ଼େଲ ଉଭୟ ଭୂଲମ୍ବକାର ବା ଭୂସମାନ୍ତର ହୋଇପାରେ । ଅଣଲିନିୟର ମଡ଼େଲରେ ବାର୍ତ୍ତା ଦୁଇଦିଗ ବା ବହୁଦିଗରେ ପ୍ରବାହିତ ହୋଇଥାଏ । ଏହି ମଡ଼େଲ ବୃତ୍ତାକାର ବା ଏକୀକୃତ ମଡ଼େଲ ହୋଇଥାଏ ।

ପୂର୍ବରୁ ବର୍ଣ୍ଣିତ ଅଧିକାଂଶ ଯୋଗାଯୋଗ ମଡ଼େଲ ଲିନିୟର ମଡ଼େଲ ଅନ୍ତର୍ଭୁକ୍ତ । ଏଗୁଡ଼ିକ ଭିତ୍ତିଭୂମି ମଡ଼େଲ ଯାହା ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରାର ପରିପ୍ରକାଶ କରାଇଥାଏ । ପରେ ଏହା ଅଣଲିନିୟର, ମତ ବିନିମୟ , ଆଦାନପ୍ରଦାନ ଓ ଏକୀକୃତ ମଡ଼େଲ ବିକାଶରେ ସହାୟକ ହୋଇଥାଏ । ମୁଖ୍ୟତଃ ପ୍ରଚାର ଓ ଗଣଚେତନା ଅନୁଧ୍ୟାନର ଭିତ୍ତି ଭାବେ ପରୀକ୍ଷାନିରୀକ୍ଷା ପାଇଁ ଏହି ମଡ଼େଲ ପ୍ରସ୍ତୁତ କରାଯାଇଛି । ଏକ୍ଷେତ୍ରରେ ଏହା ଏକ ଫଳପ୍ରଦ ମଡ଼େଲ । ଏହି ମଡ଼େଲ ସରଳ ଯୋଗାଯୋଗ କାର୍ଯ୍ୟକୁ ବାଖ୍ୟା କରିଥାଏ, ପ୍ରକ୍ରିୟାକୁ ନୁହେଁ । ୬୦ ଦଶକରେ ଯଦିଓ ବର୍ଲୋ ଯୋଗାଯୋଗ ପ୍ରକ୍ରିୟା ଭିତ୍ତିରେ ଯୋଗାଯୋଗର ସଂଜ୍ଞା ନରୂପଣ କରିଥିଲେ ତଥାପି ନିଜର ପରବର୍ତ୍ତୀ ଗବେଷଣାରେ ସେ ଏହି ଚିନ୍ତାଧାରାକୁ ଆଗକୁ ନେଇନଥିଲେ । ୧୯୭୭ ମସିହାରେ ବର୍ଲୋ

ସ୍ୱୀକାର କରିଥିଲେ ଯେ, ଏସ୍‌ଏମସିଆର ଏକ ଯୋଗାଯୋଗ ମଡ଼େଲ ପାଇଁ ଅଭିପ୍ରେତ ନଥିଲା, ବରଂ ଯୋଗାଯୋଗ ସଂପର୍କରେ ଏକ ପ୍ରତ୍ୟାହାର ଚିନ୍ତାଧାରାର ବିକାଶ ନିମନ୍ତେ ଏହା ଏକ ଅଡ଼ିଓ-ଭିଜୁଆଲ ସହାୟକ ଥିଲା ।

ଅଣଲିନିୟର ମଡ଼େଲରେ ସାଇବରନେଟିକ୍ ନିୟମାବଳୀ ଅନୁସୃତ ହୋଇଥାଏ । ସାଇବରନେଟିକ୍ ବର୍ଣ୍ଣନାରେ ୪ଟି ପ୍ରମୁଖ ଉପାଦାନ ହେଲା ସୂଚନା, ମତାମତ, ନେଟଓ୍ୱର୍କ ଓ ଉଦ୍ଦେଶ୍ୟ ସଂକ୍ରାନ୍ତ ଚିନ୍ତାଧାରା । ମାନବିକ ଯୋଗାଯୋଗ ଅଣଲିନିୟର ମଡ଼େଲରେ ବର୍ଣ୍ଣନା କରାଯାଇଥାଏ । ଏହି ମଡ଼େଲରେ ମତବିନିମୟ, ସ୍ୱ-ଉତ୍ପାଦନ, ସୂଚନାର ପାରସ୍ପରିକ ବିନିମୟର ବିଶ୍ଳେଷଣାତ୍ମକ ଚିନ୍ତାଧାରା ବର୍ଣ୍ଣିତ ହୋଇଥାଏ ।

ଡ଼େଚ୍ କାର୍ଲ (୧୯୬୮) କହିଲେ ଯେ, ଯାନ୍ତ୍ରିକ ମାଧ୍ୟମ ବା ସୂଚନା ଦ୍ୱାରା ମାନବିକ ବ୍ୟବସ୍ଥା ସଂଯୋଜିତ ବା ସମନ୍ୱିତ ନୁହେଁ । ସୂଚନା ବିନିମୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରୂପଟି ହେଲା ସର୍କିଟର ନେଟଓ୍ୱର୍କ । ଏହାରି ଦ୍ୱାରା ବ୍ୟବସ୍ଥା ମଧ୍ୟରେ ବ୍ୟକ୍ତି ସଂଯୋଜିତ ହୋଇଥାଏ । ସର୍କିଟ ହେଉଛି ଦୁଇ ପାଖିଆ ସୂଚନା ବିନିମୟର ଏକ ଗୋଲାକାର ଲୁପ୍ ଯାହା ପ୍ରତିକ୍ରିୟା ନିମନ୍ତେ ଏକ ପ୍ରାକ୍ ଆବଶ୍ୟକତା ଅଟେ । ସୂଚନାର ଗ୍ରହଣୀୟତାରେ ପ୍ରତିକ୍ରିୟା ପ୍ରକାଶ ପାଇଥାଏ ଓ ପରେ ପରବର୍ତ୍ତୀ ଆଚରଣ ମଧ୍ୟ ସୃଷ୍ଟି ହୋଇଥାଏ ।

କାର୍ଯ୍ୟାନ୍ୱୟନ ମଡ଼େଲ ହେଉଛି ପ୍ରେରକ ଅଭିମୁଖୀ ମଡ଼େଲ । ଆବଶ୍ୟକ ଫଳାଫଳ ପାଇବା ନିମନ୍ତେ ପ୍ରେରକ ଏକ ବାର୍ତ୍ତା କିପରି ଗଠନ କରିବେ ସେଥିପ୍ରତି ଏଥିରେ ଗୁରୁତ୍ୱ ଦିଆଯାଇଛି । ବାର୍ତ୍ତା ପ୍ରସାରଣ କରିବା ସହ ଶ୍ରୋତାଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ପ୍ରେରକ କିପ୍ରକାର କାର୍ଯ୍ୟ କରିବେ ଓ କିପରି କହିବେ ତାହା ଏଥିରେ ଦର୍ଶାଯାଇଛି । କାର୍ଯ୍ୟାନ୍ୱୟନ ମଡ଼େଲ ଗଣମାଧ୍ୟମ ଚ୍ୟାନେଲରେ କାର୍ଯ୍ୟ କରିପାରେ, କିନ୍ତୁ ଅନ୍ତଃବ୍ୟକ୍ତି ଚ୍ୟାନେଲରେ ଏହା ସେତେଟା କାର୍ଯ୍ୟ କରିନଥାଏ । ପ୍ରସାରଣ ପାଇଁ ଯଦି ସୂତ୍ର ସଠିକ୍ ଭାବେ ବାର୍ତ୍ତା ଗଠନ ନକରନ୍ତି ତାହାଲେ ଏହି ମଡ଼େଲରେ ତ୍ରୁଟିପୂର୍ଣ୍ଣ ଯୋଗାଯୋଗର ସମ୍ଭାବନା ରହିଛି । କାରଣ ଶ୍ରୋତାମାନେ ଠିକ୍ ଭାବେ ଶୁଣିପାରନ୍ତି ନାହିଁ କି ବାର୍ତ୍ତା ପାଇଁ ନିଜସ୍ୱ ଅର୍ଥବୋଧ ପ୍ରୟୋଗ କରିପାରନ୍ତି ନାହିଁ । କାର୍ଯ୍ୟାନ୍ୱୟନ ମଡ଼େଲ ଉଭୟ ଶ୍ରୋତା ଓ ବକ୍ତାଙ୍କ ପାଇଁ ଏକ ଅବିଦିତ ମଡ଼େଲ । ଶ୍ରବଣ ହେଉଛି ବାର୍ତ୍ତା ଗ୍ରହଣ କରି ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର କଳା ।

## ୧.୮ ମଡ଼େଲର ଉପଯୋଗୀତା

ଯୋଗାଯୋଗ ତତ୍ତ୍ୱରେ ମଡ଼େଲର ଉପଯୋଗୀତା ସଂପର୍କରେ ଏବେ ଜାଣିବା :

୧) **ପ୍ରଶ୍ନ ପଚାରିବା :** ମର୍ଟେନସେନ କୁହନ୍ତି, ଏକ ଉତ୍ତମ ମଡ଼େଲ ସେତେବେଳେ ଫଳପ୍ରଦ ହୋଇପାରେ ଯେତେବେଳେ ଏହା ପ୍ରଶ୍ନ ଓ ଅନୁଶୀଳନର ବାଖ୍ୟା ଦୃଷ୍ଟିକୋଣରୁ ଉଭୟ ସାଧାରଣ ଓ ନିର୍ଦ୍ଦିଷ୍ଟ ଭାବନାର ପ୍ରକାଶ କରିଥାଏ । ବିଷୟ ଯେତେ ଜଟିଳ ହୁଏ ସ୍ୱାଭାବିକ ସୀମାରେଖା ସେତେ ଅସ୍ପଷ୍ଟ ଓ ସ୍ମୃତି ବହିର୍ଭୁତ ହୋଇଥାଏ । ଏକ୍ଷେତ୍ରରେ ମଡ଼େଲ ବିକାଶର ଅଧିକ ଦକ୍ଷତା ଆବଶ୍ୟକ ପଡ଼େ ।

୨) **ଜଟିଳକୁ ସରଳ କରିବା :** ଜଟିଳ ଘଟଣାର ରୂପରେଖ ସ୍ପଷ୍ଟ କରିବାରେ ମଡ଼େଲ ସହାୟକ ହୋଇଥାଏ । ଚପାନୀ ( ୧୯୬୧) କୁହନ୍ତି ଜଟିଳତାକୁ ହ୍ରାସ କରି ସରଳ ଓ ଅଧିକ ସୁପରିଚିତ କରାଯିବାର ଆବଶ୍ୟକତା ରହିଛି । ଜଟିଳତାକୁ ଉପେକ୍ଷା କରିବା ବା ବର୍ଣ୍ଣନା କରିବା ମଡ଼େଲର ଲକ୍ଷ୍ୟ ନୁହେଁ, ବରଂ ଏହା ବିଷୟକୁ ଶୃଙ୍ଖଳିତ ଓ ବୋଧଗମ୍ୟ କରିଥାଏ ।

**୩) ଅନ୍ୱେଷଣ ମୂଲ୍ୟ :** ଏହା ପରିକଳ୍ପିତ ଚିନ୍ତାଧାରା ଯୋଗାଇଥାଏ । ତତ୍ତ୍ୱ ମଧ୍ୟରେ ସଂପର୍କର ଯୋଗସୂତ୍ର ଏହା ପ୍ରତିଷ୍ଠା କରିବା ସହ ନୂତନ ସିଦ୍ଧାନ୍ତ ଓ ଦୃଷ୍ଟିକୋଣ ପ୍ରଦାନ କରିଥାଏ ।

## ୧.୯ ମଡ୍‌େଲର ସୀମିତତା

୧) ମାତ୍ରାଧିକ ସରଳୀକରଣ ପାଇଁ ବିଭ୍ରାନ୍ତ - ମାନବିକ ବ୍ୟାପାରଜନିତ ସମସ୍ତ ବିଷୟର ସଂଜ୍ଞା ମଡ୍‌େଲ ଜରିଆରେ ନିର୍ଦ୍ଧାରଣ ହେଉଥିବା ଢ଼ାଞ୍ଚାଗତ ଯୋଗାଯୋଗ ମଡ୍‌େଲ ପ୍ରଦର୍ଶନରେ ଦର୍ଶାଯାଇଥାଏ ବୋଲି ବହୁ ସମୟରେ ଅଭିଯୋଗ ହୋଇଥାଏ । ଏହା ପରିଶେଷରେ ଗୁରୁତ୍ୱ ହରାଇ ଉପରଠାଉରିଆ ହୋଇଥାଏ ।

୨) ପ୍ରସଙ୍ଗ ହରାଇବାର ଆଶଙ୍କା - ତୁଳନାର ଗୁରୁତ୍ୱପୂର୍ଣ୍ଣ ଦିଗ ମଡ୍‌େଲ ହରାଇବାର ଆଶଙ୍କା ରହିଥାଏ । ଚପାନୀ (୧୯୬୧)ଙ୍କ ମତରେ 'ଏକ ମଡ୍‌େଲ କିଛି ପରିମାଣର ମାତ୍ରାଧିକକୁ ସହ୍ୟ କରିପାରେ' ।

୩) ପ୍ରଦର୍ଶିତ ମଡ୍‌େଲ ଓ ଆଚରଣ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି - ମର୍ଟେନସେନଙ୍କ ମତରେ ଫମଡ୍‌େଲ ବାସ୍ତବତା ସହ ଦ୍ୱନ୍ଦ୍ୱ ସୃଷ୍ଟି କରେ ବୋଲି କିଛି ସମାଲୋଚକ ମତ ଦେଇଥାନ୍ତି । ଏହି ସମସ୍ୟା ପ୍ରାରମ୍ଭିକ ପର୍ଯ୍ୟାୟରେ କେତେକ ଅଜଣା କ୍ଷେତ୍ରର ଉନ୍ମୋଚନରୁ ଉଦ୍ଭବ ହୋଇଥାଏ । ଏହାପରେ ଘଟଣାର ବିକଳ୍ପ ଭାବେ ମଡ୍‌େଲ କାର୍ଯ୍ୟ କରିଚାଲେ, ଯାହାର ଅବସ୍ଥିତି ଆକ୍ଷରିକ ଭାବେ ଗ୍ରହଣ କରାଯାଇଥାଏ । କିନ୍ତୁ ଏହା ଦ୍ୱାରା ଅନ୍ୟ ଏକ ବିପଦ ସୃଷ୍ଟି ହୋଇଥାଏ, ଯାହା ଅନିଶ୍ଚିତତାରେ ଏକ ନୂଆ ଦ୍ୱନ୍ଦ୍ୱାତ୍ମକ ବିକଳ୍ପ ସୃଷ୍ଟି କରିଥାଏ । ପରିଶେଷରେ ଅବସ୍ଥିତି ବାସ୍ତବ ଅଞ୍ଚଳ ନୁହେଁ ବୋଲି ଜଣାପଡ଼େ ।

୪) ପ୍ରାକ୍ ପରିସମାପ୍ତି - ମଡ୍‌େଲ ପ୍ରସ୍ତୁତକର୍ତ୍ତା ମାତ୍ରାଧିକ ସରଳୀକରଣ ଓ ଅବସ୍ଥିତି ବିପଦରୁ ବର୍ତ୍ତି ଯାଇପାରନ୍ତି, କିନ୍ତୁ ସ୍ୱାଭାବିକତା ମଧ୍ୟରେ ସେ ଧରା ପଡ଼ିଯିବେ । ତେଣୁ ସିଦ୍ଧାନ୍ତ ପାଇଁ ବାଧ୍ୟ କରିବା ଅର୍ଥ ମଡ୍‌େଲର ସମାପ୍ତି ଚାହିଁବା ସହ ସମାନ, ଯାହା ପରିକଳ୍ପନାକୁ ପ୍ରମାଣସିଦ୍ଧ କରୁ ବା ନକରୁ ।

## ୧.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ଯୋଗାଯୋଗ କହିଲେ କ'ଣ ବୁଝ ?

୨) ଯୋଗାଯୋଗ ମଡ୍‌େଲ ସଂପର୍କରେ ବର୍ଣ୍ଣନା କର ? ଏହାର ଗୁରୁତ୍ୱ କ'ଣ ?

୩) ବିଭିନ୍ନ ଧରଣର ଯୋଗାଯୋଗ ମଡ୍‌େଲ ସଂପର୍କରେ ବର୍ଣ୍ଣନା କର ?

୪ ) ଯୋଗାଯୋଗ ବ୍ୟବସ୍ଥାର ଦୁଇଟି ସାଧାରଣ ମଡ୍‌େଲ କ'ଣ ?

୫) ଯୋଗାଯୋଗର ଲିନିୟର ଓ ଅଣଲିନିୟର ମଡ୍‌େଲ କ'ଣ ?

୬) ଯୋଗାଯୋଗ ମଡ୍‌େଲର ଉପଯୋଗୀତା କଣ ରହିଛି ?

୭) ଯୋଗାଯୋଗ ମଡ୍‌େଲର ସୀମିତତା କ'ଣ ?

# ଦ୍ୱିତୀୟ ଏକକ : ଯୋଗାଯୋଗର ପ୍ରାରମ୍ଭିକ ମଡ଼େଲ

## ବିଷୟ ଗଠନ :

୨.୧ ପଠନର ଉଦ୍ଦେଶ୍ୟ
୨.୨ ଉପକ୍ରମଣିକା
୨.୩ ଆରିଷ୍ଟୋଟଲଙ୍କ ଯୋଗାଯୋଗ ମଡ଼େଲ
୨.୪ ଲାସ୍‌ୱେଲଙ୍କ ମଡ଼େଲ
୨.୪.୧ ଲାସ୍‌ୱେଲଙ୍କ ମଡ଼େଲଙ୍କ ଉପଯୋଗୀତା
୨.୪.୨ ଲାସ୍‌ୱେଲଙ୍କ ମଡ଼େଲର ସମସ୍ୟା
୨.୫ ଅସ୍‌ଗୁଡ଼୍ - ସ୍କରାମଙ୍କ ଯୋଗାଯୋଗ ମଡ଼େଲ
୨.୫.୧ ସ୍କରାମ୍ ମଡ଼େଲର ବିଭିନ୍ନ ଉପାଦାନ
୨.୫.୨ ସ୍କରାମ ମଡ଼େଲର କାର୍ଯ୍ୟକାରିତା
୨.୫.୩ ସ୍କରାମ ଯୋଗଯୋଗ ମଡ଼େଲର ଚିନ୍ତାଧାରା
୨.୫.୪ ଅଭିଜ୍ଞତା କ୍ଷେତ୍ର
୨.୫.୫ ଅସ୍‌ଗୁଡ଼୍ - ସ୍କରାମଙ୍କ ଯୋଗାଯୋଗ ମଡ଼େଲର ଉପଯୋଗିତା
୨.୬ ଗର୍ବନରଙ୍କ ମଡ଼େଲ
୨.୬.୧ ଗର୍ବନରଙ୍କ ଯୋଗାଯୋଗ ମଡ଼େଲର ଚିନ୍ତାଧାରା
୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

## ୨.୧ ପଠନର ଉଦ୍ଦେଶ୍ୟ

ଏହି ପରିଚ୍ଛେଦରେ ଆମେ କେତେକ ପୁରୁଣା ମଡ଼େଲ ସଂପର୍କରେ ଜାଣିବା । ଏହି ପରିଚ୍ଛେଦ ସମାପ୍ତ ପରେ ଆମେ ଆରିଷ୍ଟୋଟଲଙ୍କ ଯୋଗାଯୋଗ ମଡ଼େଲ, ଲାସ୍‌ୱେଲଙ୍କ ମଡ଼େଲ, ଅସ୍‌ଗୁଡ଼୍ ଓ ସ୍କରାମଙ୍କ ଯୋଗାଯୋଗ ମଡ଼େଲ ଓ ଗର୍ବନରଙ୍କ ଯୋଗାଯୋଗ ମଡ଼େଲ ପୃଷ୍ଠଭୂମିରେ ଥିବା ଚିନ୍ତାଧାରା ସଂପର୍କରେ ଜାଣିପାରିବା ।

## ୨.୨ ଉପକ୍ରମଣିକା

କେତେକ ନୂଆ ଯୋଗଯୋଗ ମଡ଼େଲ ରହିଛି ଯାହା ଆଧୁନିକ ଅଟେ । ଏଗୁଡ଼ିକ ପୁରାତନ ମଡ଼େଲ ନିର୍ଯ୍ୟାସ ଭିତ୍ତିରେ ପ୍ରସ୍ତୁତ କରାଯାଇଛି ।

## ୨.୩ ଆରିଷ୍ଟୋଟଲଙ୍କ ଯୋଗାଯୋଗ ମଡ଼େଲ

ପ୍ରଖ୍ୟାତ ଦାର୍ଶନିକ ଆରିଷ୍ଟୋଟଲ ଗଣଯୋଗାଯୋଗର ପ୍ରଥମ ମଡ଼େଲ ପ୍ରସ୍ତୁତ କରିଥିଲେ ଯାହାକୁ ଆରିଷ୍ଟୋଟଲଙ୍କ ଯୋଗାଯୋଗ ମଡ଼େଲ ବୋଲି କୁହାଯାଇଥାଏ । ଖ୍ରୀଷ୍ଟପୂର୍ବ ୩୦୦ ପୂର୍ବରୁ ସେ ଏହି ମଡ଼େଲ ପରିକଳ୍ପନା କରିଥିଲେ । ନିଜ ମଡ଼େଲରେ ଯୋଗାଯୋଗ ଶୃଙ୍ଖଳରେ  ଦର୍ଶକଙ୍କ ଗୁରୁତ୍ୱ ପ୍ରତି ସେ ପ୍ରାଧାନ୍ୟ ଦେଇଥିଲେ । ଅନ୍ତଃବ୍ୟକ୍ତି ଯୋଗାଯୋଗ ଅପେକ୍ଷା ସାର୍ବଜନୀନ ଯୋଗାଯୋଗ ପ୍ରତି ତାଙ୍କ ମଡ଼େଲରେ ଗୁରୁତ୍ୱ ଦିଆଯାଇଥିଲା । ଯୋଗାଯୋଗ ପ୍ରକ୍ରିୟାର ପରୀକ୍ଷାନିରୀକ୍ଷା କ୍ଷେତ୍ରରେ ତାଙ୍କୁ ପ୍ରଥମ ବିଦ୍ୱାନ ଭାବେ ବିବେଚନା କରାଯାଇଥାଏ । ଯୋଗାଯୋଗ ପ୍ରକ୍ରିୟାକୁ ସେ ମନୋରମ ଭାବ ପ୍ରକାଶ ଶୈଳୀ ଭାବେ ଅଭିହିତ କରିଥିଲେ । ଏଥିରେ ଜଣେ ବକ୍ତା ରହିଥାନ୍ତି ଯେ ଆଲୋଚନା ଆରମ୍ଭ କରନ୍ତି ଯାହା ଶ୍ରୋତା ବା ଦର୍ଶକଙ୍କ ସମ୍ମୁଖରେ ଭାଷଣ ଆକାରରେ ଉପସ୍ଥାପିତ ହୋଇଥାଏ । ଆରିଷ୍ଟୋଟଲଙ୍କ ଏହି ମତ ପ୍ରତି ଦ୍ୱାଦଶ ଶତାବ୍ଦୀର ଚିନ୍ତାନାୟକମାନେ ଗୁରୁତ୍ୱ ପ୍ରଦାନ କରିଥିଲେ ।




ଚିତ୍ର: ୨.୧

ଆରିଷ୍ଟୋଟଲଙ୍କ ଯୋଗାଯୋଗ ମଡ଼େଲ ୫ଟି ମୌଳିକ ଉପାଦାନକୁ ନେଇ ପ୍ରତିଷ୍ଠିତ ।

୧) ବକ୍ତା

୨) ବକ୍ତବ୍ୟ

୩) ପରିସ୍ଥିତି

୪) ଦର୍ଶକ

୫) ପ୍ରଭାବ

ଭିନ୍ନଭିନ୍ନ ଦର୍ଶକଙ୍କ ପାଇଁ ଭିନ୍ନଭିନ୍ନ ସମୟରେ ଭିନ୍ନ ପ୍ରଭାବର ଭାଷଣ ପ୍ରସ୍ତୁତି ପାଇଁ ସେ ବକ୍ତାଙ୍କୁ ପରାମର୍ଶ ଦେଇଥାନ୍ତି । ସାଧାରଣ ସଭାରେ ବକ୍ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ମଞ୍ଚ ପ୍ରବେଶ ପୂର୍ବରୁ ଶ୍ରୋତା ବା ଦର୍ଶକଙ୍କ ଆବଶ୍ୟକତା ଅନୁଯାୟୀ ଭାଷଣ ଓ ବିଶ୍ଳେଷଣ ବକ୍ତାଙ୍କ ଦ୍ୱାରା ପ୍ରସ୍ତୁତ ହେବା ଆବଶ୍ୟକ । ଶ୍ରୋତାଙ୍କ ମାନସିକତାକୁ ବକ୍ତାଙ୍କ ବକ୍ତବ୍ୟ ପ୍ରଭାବିତ କରିବା ସହ ନିଜ ଆଡ଼କୁ ଆକର୍ଷିତ କରିପାରିବା ଭଳି ହେବା ଆବଶ୍ୟକ ।

ପାର୍ସି ସାମ୍ରାଜ୍ୟକୁ ପରାସ୍ତ କରିବା ପାଇଁ ଯୁଦ୍ଧ କ୍ଷେତ୍ରରେ ଆଲେକ୍ସଜାଣ୍ଡର ସୈନ୍ୟମାନଙ୍କୁ ସାହସିକ ଉଦ୍‌ବୋଧନ ଦେଇଥିଲେ ।

ବକ୍ତା - ଆଲେକ୍ସଜାଣ୍ଡର

ବକ୍ତବ୍ୟ - ଆକ୍ରମଣ ସଂପର୍କରେ

ପରିସ୍ଥିତି - ଯୁଦ୍ଧକ୍ଷେତ୍ର

ଶ୍ରୋତା - ସୈନିକ

ପ୍ରଭାବ - ପାର୍ସିଙ୍କ ପରାସ୍ତ

ସମୟକ୍ରମେ ଅନେକ ମଡ଼େଲ ଓ ତତ୍ତ୍ୱର ଉଦ୍ଭବ ହୋଇଛି । ଉଦାହରଣ ସ୍ୱରୂପ ୧୯୪୯ ମସିହାରେ କ୍ଲଉଡ଼ ଶାନନ୍ ଓ ୱାରେନ ୱିଭର ଯୋଗାଯୋଗର ଗାଣିତିକ ମଡ଼େଲ ପ୍ରସ୍ତୁତ କଲେ । ଟେଲିଫୋନ ଯୋଗାଯୋଗ ଗବେଷଣା ଭିତ୍ତିରେ ଏହା ପ୍ରସ୍ତୁତ ହୋଇଥିଲା ।

## ୨.୪ ଲାସ୍‌ୱେଲଙ୍କ ମଡ଼େଲ

ଆମେରିକୀୟ ରାଜନୀତି ବିଜ୍ଞାନୀ ହାରୋଲଡ଼ ଦ୍ୱିଘଟ ଲାସୱେଲଙ୍କ ମତରେ ନିମ୍ନ ପ୍ରଶ୍ନର ଉତ୍ତର ଭିତ୍ତିରେ ଯୋଗାଯୋଗ ବ୍ୟବସ୍ଥାକୁ ସୁବିଧାରେ ବର୍ଣ୍ଣନା କରାଯାଇପାରିବ ।

- କିଏ
- କଣ କହିଲେ
- କେଉଁ ମାଧ୍ୟମରେ
- କାହାକୁ
- କଣ ପ୍ରଭାବ

ଏହ ମଡ଼େଲଟି ହେଉଛି ଯୋଗାଯୋଗ ପ୍ରକ୍ରିୟା ଓ ସମାଜରେ ଏହାର କାର୍ଯ୍ୟ ସଂକ୍ରାନ୍ତ । ଲାସ୍‌ୱେଲଙ୍କ ମତରେ ଯୋଗାଯୋଗର ୩ଟି କାର୍ଯ୍ୟ ରହିଛି ।

୧) ପରିବେଶ ପ୍ରତି ସତର୍କ ଦୃଷ୍ଟି

୨) ସାମାଜିକ ଉପାଦାନ ମଧ୍ୟରେ ସଂପର୍କ

୩) ପିଢ଼ି ମଧ୍ୟରେ ସଂସ୍କୃତିର ପ୍ରବାହ

ଲାସ୍‌ୱେଲ ମଡ଼େଲ ଅନୁଯାୟୀ ବହୁସଂସ୍କୃତି ସମାଜରେ ବାର୍ତ୍ତା ବହୁ ଦର୍ଶକଙ୍କ ମଧ୍ୟରେ ପ୍ରସାରିତ ହୋଇଥାଏ । ବିଭିନ୍ନ ମାଧ୍ୟମରେ ଏହି ବାର୍ତ୍ତା ପ୍ରବାହିତ ହୋଇଥାଏ । ଲାସ୍‌ୱେଲଙ୍କ ଯୋଗାଯୋଗ ମଡ଼େଲ ଆରିଷ୍ଟୋଟଲଙ୍କ

ଯୋଗାଯୋଗ ମଡ଼େଲ ଅନୁରୂପ । ଲାସ୍‌ୱେଲଙ୍କ ମଡ଼େଲରେ ବିଭିନ୍ନ ହସ୍ତକ୍ଷେପର ବ୍ୟବସ୍ଥା ନାହିଁ । ଏହି ହସ୍ତକ୍ଷେପ ମଧ୍ୟରେ ବାର୍ତ୍ତା ଗ୍ରହଣ ଓ ପ୍ରତିକ୍ରିୟା ପ୍ରକାଶ ରାସ୍ତାରେ ପ୍ରଭାବ ସୃଷ୍ଟିକାରୀ ମଧ୍ୟସ୍ଥ ଉପାଦାନ ରହିଛି ।

ଏହି ମଡ଼େଲରେ ଯୋଗାଯୋଗ ଉପାଦାନକୁ ନିୟନ୍ତ୍ରିତ ବିଶ୍ଳେଷଣ ବୋଲି କୁହାଯାଇଥାଏ ।

- କଣ କୁହାଗଲା - ବିଷୟ ବିଶ୍ଳେଷଣ
- କେଉଁ ମାଧ୍ୟମରେ କୁହାଗଲା - ମାଧ୍ୟମ ବିଶ୍ଳେଷଣ
- କାହାକୁ କୁହାଗଲା - ଦର୍ଶକ ବିଶ୍ଳେଷଣ
- କେଉଁ ପ୍ରଭାବରେ କୁହାଗଲା - ପ୍ରଭାବ ବିଶ୍ଳେଷଣ




ଚିତ୍ର ୨.୨

କିଏ , କଣ , ଚ୍ୟାନେଲ, କାହାପ୍ରତି , ପ୍ରଭାବ

ବକ୍ତା, ବାର୍ତ୍ତା, ମାଧ୍ୟମ, ଶ୍ରୋତା ବା ବକ୍ତା,

## ୨.୪.୧ ଲାସ୍‌ୱେଲଙ୍କ ମଡ଼େଲଙ୍କ ଉପଯୋଗିତା

- ଏହା ସହଜ ଓ ସରଳ
- ସମସ୍ତ ପ୍ରକାର ଯୋଗାଯୋଗକୁ ଏହା ସୁହାଇଥାଏ
- ପ୍ରଭାବିତ ଚିନ୍ତାଧାରାକୁ ବିଚାରକୁ ନିଆଯାଇଥାଏ

## ୨.୪.୨ ଲାସ୍‌ୱେଲଙ୍କ ମଡ଼େଲର ସମସ୍ୟା

- ମତାମତ ଉଲ୍ଲେଖ ନାହିଁ
- ଦ୍ୱନ୍ଦ୍ୱ ବା ବିଘ୍ନ ଉଲ୍ଲେଖ ନାହିଁ
- ଏହା ଲିନିୟର ମଡ଼େଲ ଯୋଗାଯୋଗ ଅଟେ

## ୨.୫ ଅସ୍‌ଗୁଡ୍‌ - ସ୍କରାମଙ୍କ ଯୋଗାଯୋଗ ମଡ଼େଲ

ସ୍କରାମଙ୍କ ଯୋଗାଯୋଗ ମଡ଼େଲ ୧୯୫୪ ମସିହାରେ ୱିଲବର ସ୍କରାମଙ୍କ ପ୍ରଣୀତ ହୋଇଥିଲା । ଏଥିରେ ସେ ଯୋଗାଯୋଗକୁ ଦୁଇ ପାଖିଆ ମାର୍ଗ ଭାବେ ଗ୍ରହଣ କରିଛନ୍ତି । ଏଥିରେ ଉଭୟ ପ୍ରେରକ ଓ ପ୍ରାପକ କ୍ରମାନ୍ୱୟରେ ବାର୍ତ୍ତା ପ୍ରେରଣ କରନ୍ତି ଓ ଗ୍ରହଣ କରିଥାନ୍ତି ।

ଏଥିରେ ବାର୍ତ୍ତା ସାଙ୍କେତିକ ଭାଷାରେ ପ୍ରେରିତ ହୋଇଥାଏ । ଫଳରେ ପ୍ରେରକକୁ ଏନକୋଡ଼ର ବୋଲି କୁହାଯାଇଥାଏ । ପ୍ରାପକ ଏହା ଗ୍ରହଣ କରିବା ପରେ ଏହାକୁ ବୋଧଗମ୍ୟ ଭାଷାରେ ରୂପାନ୍ତର କରିଥାଏ । ଏଣୁ ପ୍ରାପକକୁ ଡିକୋଡ଼ର ବୋଲି କୁହାଯାଇଥାଏ । ଏହି ମଡ଼େଲଟି ଅନ୍ୟ ଜଣେ ତତ୍ତ୍ୱବିତ୍ ଅସ୍‌ଗୁଡ୍‌ଙ୍କ ତତ୍ତ୍ୱରୁ ଗ୍ରହଣ କରାଯାଇଛି । ତେଣୁ ଏହାକୁ ଅସ୍‌ଗୁଡ୍‌ - ସ୍କରାମଙ୍କ ଯୋଗାଯୋଗ ମଡ଼େଲ ବା ଏନକୋଡ୍‌ - ଡ଼ିକୋଡ୍‌ ଯୋଗାଯୋଗ ମଡ଼େଲ ବୋଲି କୁହାଯାଇଥାଏ । ଅସ୍‌ଗୁଡ୍‌ଙ୍କ ମତରେ ଯୋଗାଯୋଗ ଏକ ଗତିଶୀଳ ପ୍ରକ୍ରିୟା ଯେଉଁଠି ସୂତ୍ର ଓ ଗ୍ରାହକଙ୍କ ମଧ୍ୟରେ ବିନିମୟ ସଂପର୍କ ରହିଥାଏ ।

ଅସ୍‌ଗୁଡ୍‌ ଲିନିୟର ମଡ଼େଲ ଯୋଗାଯୋଗ ପ୍ରତିବଦଳରେ ଯୋଗାଯୋଗର ବର୍ତ୍ତୁଳାକାର ପ୍ରକ୍ରିୟା ଗ୍ରହଣ କଲେ ଏବଂ ସ୍କରାମ ଏହି ଅଭିଜ୍ଞତାଜନିତ ଚିନ୍ତାଧାରାର ପ୍ରଚଳନ କଲେ । ସ୍କରାମଙ୍କ ପୁସ୍ତକ 'ଦି ପ୍ରୋସେସ୍ ଏଣ୍ଡ ଇଫେକ୍ଟ ଅଫ କମ୍ୟୁନିକେସନ'ରେ ଏହି ମଡ଼େଲ ବର୍ଣ୍ଣନା କରାଯାଇଛି ।




ଚିତ୍ର: ୨.୩

## ୨.୫.୧ ସ୍କରାମ୍ ମଡ଼େଲର ବିଭିନ୍ନ ଉପାଦାନ

ଯୋଗାଯୋଗ ପାଇଁ ସ୍କରାମ୍ ମଡ଼େଲରେ ବିଭିନ୍ନ ଉପାଦାନ ରହିଛି । ସେଗୁଡ଼ିକ ହେଲା

- ପ୍ରେରକ ହେଉଛନ୍ତି ବ୍ୟକ୍ତି ଯିଏ ବାର୍ତ୍ତା ପ୍ରେରଣ କରିଥାନ୍ତି
- ବାର୍ତ୍ତାକୁ ସାଙ୍କେତିକ ଭାଷାରେ ରୂପାନ୍ତର କରୁଥିବା ବ୍ୟକ୍ତିଙ୍କୁ ଏନକୋଡ଼ର କୁହାଯାଇଥାଏ ।
- ଏନକୋଡ଼ର ନିକଟରୁ ସାଙ୍କେତିକ ଭାଷାରେ ବାର୍ତ୍ତା ପାଇବା ପରେ ଏହାକୁ ବୋଧଗମ୍ୟ ଭାଷାରେ ପରିବର୍ତ୍ତନ କରିପାରୁଥିବା ବ୍ୟକ୍ତିଙ୍କୁ ଡିକୋଡ଼ର କୁହାଯାଇଥାଏ ।
- ବାର୍ତ୍ତା ବୁଝି ଏହାକୁ ବିଶ୍ଳେଷଣ କରୁଥିବା ବ୍ୟକ୍ତିଙ୍କୁ ବାଖ୍ୟାକାରୀ କୁହାଯାଇଥାଏ । ବାଖ୍ୟା ପରେ ବାର୍ତ୍ତା ଗ୍ରହଣ କରାଯାଇଥାଏ । ବାଖ୍ୟାକାରୀ ଓ ପ୍ରାପକ ବା ଗ୍ରହଣକାରୀ ହେଉଛନ୍ତି ଜଣେ ବ୍ୟକ୍ତି ।
- ବାର୍ତ୍ତା ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ପ୍ରାପକ କୁହାଯାଇଥାଏ । ସେ ବାର୍ତ୍ତାର ସାଙ୍କେତିକ ଭାଷାକୁ ବୋଧଗମ୍ୟ ଭାଷାରେ ରୂପାନ୍ତର କରିବା ସହ ବାଖ୍ୟା କରିଥାନ୍ତି ।
- ବାର୍ତ୍ତା ହେଉଛି ତଥ୍ୟ ଯାହା ପ୍ରେରକ ପଠାଇଥାନ୍ତି ଓ ଯେଉଁ ସୂଚନା ପ୍ରାପକ ପାଇଥାନ୍ତି ।
- ପ୍ରାପକ ବାର୍ତ୍ତା ଉପରେ କିପ୍ରକାର ପ୍ରତିକ୍ରିୟା ପ୍ରକାଶ କଲେ ସଂପୃକ୍ତତ ପ୍ରକ୍ରିୟାକୁ ମତାମତ କୁହାଯାଇଥାଏ ।
- ବାର୍ତ୍ତା ପ୍ରେରଣ ପାଇଁ ଯେଉଁ ମାର୍ଗ ବ୍ୟବହାର କରାଯାଏ ତାହାକୁ ମାଧ୍ୟମ କୁହାଯାଇଥାଏ ।
- କୋଳାହଳ ହେଉଛି ପ୍ରକ୍ରିୟା ସମୟରେ ହସ୍ତକ୍ଷେପ କରିବା ବା ବିଘ୍ନ ସୃଷ୍ଟି କରିବା । ପ୍ରେରକ ପଠାଇଥିବା ବାର୍ତ୍ତାର ମର୍ମ ଓ ପ୍ରାପକ ଗ୍ରହଣ କରିଥିବା ବାର୍ତ୍ତାର ମର୍ମ ଯଦି ଭିନ୍ନ ହେଲା ତାହାକୁ ଭାଷାଗତ କୋଳାହଳ କୁହାଯାଇଥାଏ ।

## ୨.୫.୨ ସ୍କରାମ ମଡ଼େଲର କାର୍ଯ୍ୟକାରିତା

ମଡ଼େଲ ଅନୁଯାୟୀ ଯୋଗାଯୋଗ ପ୍ରକ୍ରିୟାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଲା ଏନକୋଡ଼ିଂ ଓ ଡିକୋଡ଼ିଂ । ତଥ୍ୟକୁ ସୂଚନାରେ ରୂପାନ୍ତରିତ କରି ଯୋଗାଯୋଗ ପ୍ରକ୍ରିୟା ଆରମ୍ଭ କରିବାରେ ଏନକୋଡ଼ିଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାଏ । ଏନକୋଡ଼ିଂ କାର୍ଯ୍ୟ ପ୍ରେରକ ସଂପନ୍ନ କରି ଏହାକୁ ପ୍ରାପକଙ୍କ ନିକଟକୁ ପ୍ରେରଣ କରିଥାନ୍ତି ।

ତଥ୍ୟ ପ୍ରାପକଙ୍କ ନିକଟରେ ପହଞ୍ଚିବା ପରେ ପ୍ରାପକ ଏହାକୁ ବୋଧଗମ୍ୟ ଭାଷାରେ ରୂପାନ୍ତର କରି ବାଖ୍ୟା କରିଥାନ୍ତି । ଏହି ତଥ୍ୟକୁ ବାର୍ତ୍ତା କୁହାଯାଏ ଏବଂ ଏହା ଏକ ମାଧ୍ୟମରେ ପ୍ରେରିତ ହୋଇଥାଏ ।

ଏହି ମଡ଼େଲ ଦର୍ଶାଇଥାଏ ଯେ, ଭାବ କିପରି ବ୍ୟକ୍ତି ବା ଗୋଷ୍ଠୀ ନିକଟରୁ ଅନ୍ୟ ନିକଟକୁ ପ୍ରସାରିତ ହୋଇଥାଏ । ଉଭୟ ଅନ୍ତଃବ୍ୟକ୍ତି ଓ ଆନ୍ତବ୍ୟକ୍ତି ଯୋଗାଯୋଗରେ ସ୍କରାମ ଯୋଗାଯୋଗ ମଡ଼େଲ ଉପଯୋଗ ହୋଇଥାଏ ।

ଏହି ମଡ଼େଲରେ ଯୋଗାଯୋଗ ଏକ ଅସରନ୍ତି ପ୍ରକ୍ରିୟା ବୋଲି ବିବେଚନା କରାଯାଇଥାଏ । ବାର୍ତ୍ତା ଓ ମତାମତକୁ ନେଇ ଏହା ଗଠିତ ।

ପ୍ରତ୍ୟେକ ବ୍ୟକ୍ତି ଉଭୟ ପ୍ରେରକ ଓ ପ୍ରାପକ । ତେଣୁ ନିଜ କ୍ରମରେ ପ୍ରତ୍ୟେକ ବାର୍ତ୍ତାର ବାଖ୍ୟା କରିଥାନ୍ତି । ବାଖ୍ୟାକୃତ ତଥ୍ୟକୁ ସୂଚନା କୁହାଯାଇଥାଏ । ଏହା ଯୋଗାଯୋଗକୁ ପ୍ରଭାବଶାଳୀ କରିଥାଏ, କିନ୍ତୁ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । କାରଣ ଏନକୋଡ଼ିଂ ପରେ ପ୍ରେରିତ ବାର୍ତ୍ତା ଓ ପ୍ରାପକ ଦ୍ୱାରା ଗୃହୀତ ଡିକୋଡ଼େଡ଼ ବାର୍ତ୍ତା ମଧ୍ୟରେ ବେଳେବେଳେ ସାମଞ୍ଜସ୍ୟ ରହିନଥାଏ । ତେଣୁ କେବଳ ପ୍ରେରକ ଓ ପ୍ରାପକଙ୍କ ସଂପର୍କରେ କହୁଥିବା ଅନ୍ୟ ପାରମ୍ପରିକ ମଡ଼େଲ ପରି ଏହା ନୁହେଁ ।

ମତାମତ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯାହା ପ୍ରେରକକୁ ପ୍ରାପକର ଆବଶ୍ୟକତା ଅନୁଯାୟୀ ବାଖ୍ୟାତ୍ମକ ବାର୍ତ୍ତା ମିଳିଲା କି ନାହିଁ ସେ ସଂପର୍କରେ ସୂଚୀତ କରିଥାଏ । ଯଦି ପ୍ରାପକ ବାର୍ତ୍ତା ସଂପର୍କରେ କିଛି ବୁଝିନପାରେ ଏବଂ ମତାମତ ଆଶାଠାରୁ ଭିନ୍ନ ହୁଏ ତାହାଲେ ବାର୍ତ୍ତା ମୂଲ୍ୟହୀନ ହୋଇଥାଏ ।

ଯଦି ମତାମତ ନମିଳେ ତାହାଲେ ଯୋଗାଯୋଗ ଅସଂପୂର୍ଣ୍ଣ ହୋଇଥାଏ । ଉଦ୍ଦେଶ୍ୟମୂଳକ କଥନ ଓ ବାର୍ତ୍ତା ଅନ୍ୟ ନିକଟକୁ ପ୍ରେରଣ କରିବା ମଧ୍ୟ ଯୋଗାଯୋଗ ଭାବେ ବିବେଚିତ ହୋଇଥାଏ ।

ଉଦାହରଣ ସ୍ୱରୂପ ଇଂରାଜୀ ବୁଝିପାରୁନଥିବା ଜଣେ ବ୍ୟକ୍ତି ସହ ଅନ୍ୟ ଜଣେ ବ୍ୟକ୍ତି କଥା ହେଲେ । ସଂପୃକ୍ତ ବ୍ୟକ୍ତି ଇଂରାଜୀ ବାର୍ତ୍ତା ରୂପାନ୍ତର କରି ଭାଷାରେ ଲେଖିଲେ । ଅପର ବ୍ୟକ୍ତି ଏହି ଭାଷା ଜାଣିନଥିବାରୁ ଏହାକୁ ବୋଧଗମ୍ୟ କରିପାରିଲେ ନାହିଁ । ତତ୍କାଳ ମତାମତ ପ୍ରେରକ ନିକଟରେ ପହଞ୍ଚିଥାଏ । ମତାମତରେ ଉଲ୍ଲେଖ ଥାଏ ଯେ ପ୍ରାପକ ଆବଶ୍ୟକତା ଅନୁଯାୟୀ ବାର୍ତ୍ତା ବାଖ୍ୟା କରିପାରିଲେ ନାହିଁ । ଏହି କାରଣରୁ ମତାମତ ଯୋଗାଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ବିବେଚିତ ହୋଇଥାଏ ।

ସ୍କରାମଙ୍କ ଯୋଗାଯୋଗ ମଡ଼େଲ ଶାନନ୍ ୱିଭରଙ୍କ ଯୋଗାଯୋଗ ମଡ଼େଲରୁ ଆନିତ । ଶାନନ୍ ୱିଭରଙ୍କଙ୍କ ମଡ଼େଲ ଅଧିକ ଗାଣିତିକ ଓ ପ୍ରଯୁକ୍ତିଗତ ଏବଂ ସ୍କରାମଙ୍କ ମଡ଼େଲ ଅଧିକ ମାନସିକସ୍ତରୀୟ ।

## ୨.୫.୩ ସ୍କରାମ ଯୋଗଯୋଗ ମଡ଼େଲର ଚିନ୍ତାଧାରା

ସଂଶ୍ଳିଷ୍ଟ ଥିବା ବ୍ୟକ୍ତିର ପୃଷ୍ଠଭୂମି ଯୋଗାଯୋଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ବିବିଧ ଜ୍ଞାନ, ଅଭିଜ୍ଞତା ଓ ସଂସ୍କୃତିସଂପନ୍ନ ବ୍ୟକ୍ତି ଅନ୍ୟମାନଙ୍କ ତୁଳନାରେ ବାର୍ତ୍ତା ଭିନ୍ନ ଶୈଳୀରେ ବାଖ୍ୟା କରିଥାନ୍ତି ବୋଲି ସ୍କରାମ ବିଶ୍ୱାସ କରିଥାନ୍ତି ।

ପ୍ରେରକ ଗ୍ରହୀତାଙ୍କ ନିକଟକୁ ସୂଚନା ପଠାଇଥାନ୍ତି । ଗ୍ରହୀତା ନିଜ ଜ୍ଞାନ, ଅଭିଜ୍ଞତା ଭିତ୍ତିରେ ଏହାର ବାଖ୍ୟା କରନ୍ତି ଓ ମତାମତ ପ୍ରେରକଙ୍କ ନିକଟକୁ ପଠାଇଥାନ୍ତି । ଏଡି ମଡ଼େଲ ପୃଷ୍ଠଭୂମିରେ ଥିବା ମୁଖ୍ୟ ଚିନ୍ତାଧାରା ହେଲା –

ଏଠାରେ ଶବ୍ଦଗତ ଦ୍ୱନ୍ଦ୍ୱ ବିଷୟ ଉଲ୍ଲେଖ କରାଯାଇଛି । ଧରାଯାଉ ସମାନ ବାର୍ତ୍ତା ପାଇଁ ପ୍ରେରକ ଓ ପ୍ରାପକ ଭିନ୍ନ ଅର୍ଥ ପ୍ରୟୋଗ କଲେ । ଶବ୍ଦ ଓ ବାକ୍ୟାଂଶ କ୍ଷେତ୍ରରେ ମୁଖ୍ୟତଃ ବୈଷୟିକ ଭାଷା କ୍ଷେତ୍ରରେ ଏହା ଘଟିଥାଏ । ଏପରି ସ୍ଥଳେ କେତେକ ଶବ୍ଦ ଓ ବାକ୍ୟାଂଶ ତୁମକୁ ଯୋଗାଯୋଗର ପ୍ରକୃତ ଅର୍ଥଠାରୁ ଦୂରେଇ ନିଏ ।

ଯେତେବେଳେ ଶବ୍ଦଗତ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ ସେତେବେଳେ ସେତେବେଳେ ବୋଧଗମ୍ୟ ଭାଷା ଓ ବାଖ୍ୟା କଷ୍ଟକର ହୋଇପଡ଼େ ଏବଂ ଜନସାଧାରଣ ପ୍ରକୃତ ବାର୍ତ୍ତାଠାରୁ ଦୂରେଇ ଯାଆନ୍ତି ।




ଚିତ୍ର: ୨.୪ :

## ୨.୫.୪ ଅଭିଜ୍ଞତା କ୍ଷେତ୍ର

ବାର୍ତ୍ତାର ବୋଧଗମ୍ୟତା ଓ ବାଖ୍ୟାକୁ ଅଭିଜ୍ଞତା କ୍ଷେତ୍ର ପ୍ରଭାବିତ କରିଥାଏ । ଏଗୁଡ଼ିକ ହେଲା ସଂସ୍କୃତି, ସାମାଜିକ ପୃଷ୍ଠଭୂମି, ବିଶ୍ୱାସ, ଅନୁଭବ, ମୂଲ୍ୟବୋଧ ଓ ନିୟମାବଳୀ ।

ସମାନ ବାର୍ତ୍ତା ଭିନ୍ନଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଭିନ୍ନ ଭାବେ ବାଖ୍ୟା କରାଯାଇଥାଏ । ପ୍ରେରକ ଓ ପ୍ରାପକ ଯଦି ସମାନ ଶବ୍ଦ ଓ ସଂକେତ ବ୍ୟବହାର କରିଥାନ୍ତି ତାହାଲେ ଯୋଗାଯୋଗ ଅଧିକ ପ୍ରଭାବଶାଳୀ ହୋଇଥାଏ ।

ଉଦାହରଣ ସ୍ୱରୂପ ସର୍ବଦା ଚାମଚରେ ଖାଦ୍ୟ ଖାଉଥିବା ଜଣେ ବ୍ୟକ୍ତିଙ୍କୁ କୁହାଗଲା ଯେ, ଏକ ସ୍ଥାନରେ ତାଙ୍କୁ ହାତରେ ଖାଇବା ପାଇଁ ପଡ଼ିବ । ଏଥିରେ ସଂପୃକ୍ତ ବ୍ୟକ୍ତି ଅପମାନିତ ଅନୁଭବ କରିବେ କାରଣ ଏପରି ଖାଦ୍ୟ ଖାଇବା ତାଙ୍କ ପାଇଁ ଅସମୀଚିନ ବୋଲି ସେ ଭାବିବେ । ଏକ୍ଷେତ୍ରରେ ସାମାଜିକ - ସାଂସ୍କୃତିକ ପ୍ରଭେଦ ବାର୍ତ୍ତାର ବାଖ୍ୟାକୁ ଭିନ୍ନ ଅର୍ଥ ପ୍ରଦାନ କରିଥାଏ ।

## ୨.୫.୪.୧ ସଂପର୍କଜନିତ ପ୍ରସଙ୍ଗ

ସଂପର୍କରେ ଥିବା ବ୍ୟକ୍ତିମାନଙ୍କର କଥାବାର୍ତ୍ତା ପାଇଁ କିଛି ସମାନ ପ୍ରସଙ୍ଗ ଥାଏ । ଉଭୟଙ୍କ ପାଇଁ ବାର୍ତ୍ତା ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ । ଯୋଗାଯୋଗ ସେତେବେଳେ ସହଜ ହୋଇଥାଏ ଯେତେବେଳେ ପ୍ରେରକ ଓ ପ୍ରାପକ ମଧ୍ୟରେ ସଂପର୍କ ନିବିଡ଼ ହୋଇଥାଏ ।

ଉଦାହରଣ ସ୍ୱରୂପ ନୂଆ ବନ୍ଧୁଙ୍କ ତୁଳନାରେ ପୁରାତନ ବନ୍ଧୁମାନଙ୍କ ମଧ୍ୟରେ କଥାବାର୍ତ୍ତା ପାଇଁ ଅଧିକ ବିଷୟ ଥାଏ। କାରଣ ପୁରାତନଙ୍କର ପାରସ୍ପରିକ ସାମାଜିକ କ୍ଷେତ୍ର ବଡ଼ ହୋଇଥାଏ ।

## ୨.୫.୪.୨ ମତାମତ ପ୍ରଭାବିତ କରୁଥିବା ସାମାଜିକ ପରିସର ପ୍ରସଙ୍ଗ

ପରିସ୍ଥିତି ଅନୁଯାୟୀ ଜନସାଧାରଣ ଯୋଗାଯୋଗ କରିଥାନ୍ତି । ସ୍ଥାନ, ସମୟ, କାରଣ ଓ ପରିବେଶ ଭିତ୍ତିରେ ଜନସାଧାରଣ କାର୍ଯ୍ୟ ଓ ଯୋଗାଯୋଗ କରିଥାନ୍ତି । ସେହି ସମାନ ଜନତା ଆନୁଷ୍ଠାନିକ ଓ ସାମୟିକ ସାକ୍ଷାତ ସମୟରେ ଭିନ୍ନ ଆଚରଣ ପ୍ରଦର୍ଶନ କରିଥାନ୍ତି ।

## ୨.୫.୫ ଅସ୍‌ଗୁଡ୍ - ସ୍କରାମଙ୍କ ଯୋଗାଯୋଗ ମଡ଼େଲର ଉପଯୋଗିତା

୧) ବର୍ତ୍ତୁଳାକାର ଯୋଗାଯୋଗ ଉଭୟ ପକ୍ଷଙ୍କୁ ମତାମତ ପ୍ରଦାନ ପାଇଁ ସୁଯୋଗ ପ୍ରଦାନ କରିଥାଏ ।

୨) ବାର୍ତ୍ତା ବାଖ୍ୟା ସମୟରେ ବୋଧଗମ୍ୟ ସମସ୍ୟାରେ ସହାୟକ ହେବା ପାଇଁ ଶବ୍ଦଗତ ଦ୍ୱନ୍ଦ୍ୱ ଅନ୍ତର୍ଭୁକ୍ତ କରାଯାଇଛି।

୩) ଭାବିଥିବା ଶୈଳୀରେ ପ୍ରାପକଙ୍କ ଦ୍ୱାରା ବାର୍ତ୍ତା ବାଖ୍ୟା ହୋଇଛି କି ନାହିଁ ତାହା ଜାଣିବାରେ ସହଜ କରିଥାଏ ମତାମତ ।

୪) ବାଖ୍ୟାତ୍ମକ ଚିନ୍ତାଧାରା ଯୋଗାଯୋଗକୁ ପ୍ରଭାବଶାଳୀ କରିଥାଏ ।

୫) ପାରମ୍ପରିକ ମାର୍ଗ ଅପେକ୍ଷା ଅନ୍ୟାନ୍ୟ ମାର୍ଗରେ ଯୋଗାଯୋଗ ପ୍ରକ୍ରିୟାକୁ ବୁଝିବାରେ ଅଭିଜ୍ଞତା କ୍ଷେତ୍ର (ମାନସିକ ପ୍ରଭାବ) ସହାୟକ ହୋଇଥାଏ

୬) ପ୍ରସଙ୍ଗ ଚିନ୍ତାଧାରା ବାର୍ତ୍ତା ବାଖ୍ୟା ମଧ୍ୟକୁ ପରିବେଶ ଦିଗ ଆଣିଥାଏ ଏବଂ ବାର୍ତ୍ତାରେ ପରିବତର୍ତ୍ତ୍ନ କରାଇଥାଏ।

୭) ଏହା ଏକ ଗତିଶୀଳ ମଡ଼େଲ, ବଦଳୁଥିବା ପରିସ୍ଥିତିକୁ ଏହା ସୂଚୀତ କରିଥାଏ ।

୮) ଯୋଗାଯୋଗରେ ଅତିରିକ୍ତତା କାହିଁକି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏହା ତାହା ସୂଚାଇଥାଏ ।

୯) ପ୍ରେରକ ଓ ପ୍ରାପକ ଭିନ୍ନ ନୁହଁନ୍ତି, ଏହା ପ୍ରତିବଦଳ ଭୂମିକା ।

## ୨.୫.୬ ଅସ୍‌ଗୁଡ୍ - ସ୍କରାମଙ୍କ ଯୋଗାଯୋଗ ମଡ଼େଲର ସମସ୍ୟା

୧) ଏହି ମଡ଼େଲ ଶବ୍ଦଗତ ଦ୍ୱନ୍ଦ୍ୱ ସଂପର୍କରେ କିଛି ଉଲ୍ଲେଖ କରିନାହିଁ । ଏନକୋଡ଼ିଂ ଓ ଡିକୋଡ଼ିଂ ଆପେ ହୁଏ ବୋଲି ଏହି ମଡ଼େଲରେ ଧରିନିଆଯାଇଛି । ଏହା ହେଉଛି ଏହି ମଡ଼େଲର ମୁଖ୍ୟ ସମସ୍ୟା ।

୨) ଜଟିଳ ଯୋଗାଯୋଗ ପ୍ରକ୍ରିୟା ଓ ବହୁସ୍ତରୀୟ ଯୋଗାଯୋଗ ସହ ଏହି ମଡ଼େଲ ଖାପ୍ ଖାଇପାରିବ ନାହିଁ ।

୩) ଦୁଇ ସୂତ୍ର ଯୋଗାଯୋଗରେ ଏହି ମଡ଼େଲ କାର୍ଯ୍ୟ କରିଥାଏ । ବହୁସୂତ୍ର ଯୋଗାଯୋଗ ପ୍ରକ୍ରିୟାକୁ ଜଟିଳ କରୁଥିବାରୁ ଏଠାରେ ମଡ଼େଲ କାର୍ଯ୍ୟକାରୀ ହୋଇପାରେ ନାହିଁ ।

୪) ପ୍ରେରିତ ଓ ପ୍ରାପ୍ତ ବାର୍ତ୍ତା ଭିନ୍ନ ଭାବେ ବାଖ୍ୟା ହୋଇପାରେ ।

## ୨.୬ ଗର୍ବନରଙ୍କ ମଡ଼େଲ

ଯୋଗାଯୋଗ ପ୍ରଫେସର ଜର୍ଜ ଗର୍ବନର ଯୋଗାଯୋଗର ଏକ ସାଧାରଣ ଉଦ୍ଦେଶ୍ୟ ମଡ଼େଲ ପ୍ରଣୟନ କରିଥିଲେ । ଏହା ଶାନନ୍ ଓ ୱିଭରଙ୍କ ମଡ଼େଲ ତୁଳନାରେ ଜଟିଳ, କିନ୍ତୁ ଏହାର ଛାଞ୍ଚ ଆକାରରେ ଏଥିରେ ଲିନିୟର ପ୍ରୋସେସ ମଡ଼େଲ ରହିଛି । ଦୁଇଟି ଦିଗରୁ ଏହି ମଡ଼େଲଟି ଆଗୁଆ । ଏହା ବାର୍ତ୍ତାକୁ ବାସ୍ତବତା ସହ ତୁଳନା କରିଥାଏ । ଫଳରେ ବାର୍ତ୍ତାର ବୋଧଗମ୍ୟତା ଓ ଅର୍ଥ ନେଇ ପ୍ରଶ୍ନ କରିଥାଏ । ଏହି ମଡ଼େଲର ଯୋଗାଯୋଗ ପ୍ରକ୍ରିୟା ଦୁଇ ବିକଳ୍ପ ଆୟତନ ବିଶିଷ୍ଟ । ତାହା ହେଲା ବୋଧଗମ୍ୟତା ଓ ନିୟନ୍ତ୍ରିତ ଯୋଗାଯୋଗ ।




ଚିତ୍ର : ୨.୫

## ୨.୬.୧ ଗର୍ବନରଙ୍କ ଯୋଗାଯୋଗ ମଡ୍‌ଲର ଚିନ୍ତାଧାରା

### ଗର୍ବନର ମଡ୍‌ଲର ମୁଖ୍ୟ ଉପାଦାନ :

୧) ସମାନ୍ତର ପରିମେୟ : ଘଟଣା 'ଇ'ରୁ ଏହି ପ୍ରକ୍ରିୟା ଆରମ୍ଭ । ବେଳେବେଳେ ବାହ୍ୟ ବାସ୍ତବତାକୁ ଫଏମ' ( ଏମ ମଣିଷ ହୋଇପାରେ ବା ମେସିନ ହୋଇପାରେ । କ୍ୟାମେରା ହୋଇପାରେ ବା ମାଇକ୍ରୋଫୋନ ହୋଇପାରେ) ଭାବେ ଗ୍ରହଣ କରାଯାଇପାରେ । 'ଇ' ପ୍ରତି 'ଏମ'ର ଧାରଣାକୁ 'ଇ୧' ଧରାଯାଉ । ପ୍ରକ୍ରିୟା ଆରମ୍ଭରେ ଏହା ହେଉଛି ବୋଧଗମ୍ୟ ପରିମେୟ । 'ଇ' ଓ 'ଇ୧' ମଧ୍ୟରେ ସଂପର୍କ ମନୋନୟନର । ଏକ୍ଷେତ୍ରରେ 'ଏମ' ସମ୍ଭବତଃ 'ଇ'ର ସାମଗ୍ରିକ ଜଟିଳତାକୁ ବୋଧଗମ୍ୟ କରିପାରେ ନାହିଁ । ଯଦି 'ଏମ' ମେସିନ ହୁଏ ତାହାଲେ ମନୋନୟନ ଏହାର ଶାରୀରିକ ଦକ୍ଷତା ଓ ଇଞ୍ଜିନିୟରିଂ ଭିତ୍ତିରେ ହୋଇଥାଏ । ମଣିଷ ବୋଧଗମ୍ୟତା ଏକ ସରଳ ଗ୍ରହଣୀୟ ବିଷୟ ନୁହେଁ, ଏହା ବୁଝାମଣା ଓ ମତବିନିମୟର ଏକ ପ୍ରକ୍ରିୟା। ଆମକୁ ବାହ୍ୟ ପ୍ରୋତ୍ସାହନ ସହ ଚିନ୍ତା ଓ ଭାବନାର ଅନ୍ତଃ ଶୈଳୀକୁ ମେଳ କରିବାକୁ ପଡ଼ିବ । ଯଦି ଏହି ମେଳ ହୋଇଗଲା ତାହାଲେ କିଛି ବୋଧଗମ୍ୟ ହୋଇପାରେ ଏବଂ ଆମେ ଏହାର ଅର୍ଥକରଣ କରିପାରୁ । ତେଣୁ ଏଠାରେ ବାହ୍ୟ ପ୍ରୋତ୍ସାହନ ସହ ଅନ୍ତଃ ଶୈଳୀର ମେଳରୁ ଅର୍ଥକରଣ ଘଟିଥାଏ ।

ବେଳେବେଳେ ଆମେ ଶବ୍ଦ ସ୍ପଷ୍ଟ ଭାବେ ଶୁଣିପାରୁ ନାହିଁ । କାହାରି ହାତଲେଖା ଠିକ୍ ଭାବେ ବୁଝିପାରୁ ନାହିଁ । ଜଣାସୁଣା ବସ୍ତୁର ଫଟୋ ଏକ ଅଜ୍ଞାତ କୋଣରୁ ଗ୍ରହଣ କରାଯାଇଥିବାରୁ ଏହା ଆମର ଦୃଶ୍ୟାବଳୀ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ଯଦି ଥରେ ଏହା ମେଳ ହୋଇଗଲା ତାହାଲେ ଫଟୋ ଚିହ୍ନଟ ଆମ ପାଇଁ ବୋଧଗମ୍ୟ ଓ ସହଜ ହୋଇଯିବ । ଏହି ସମୟ ଉପନିତ ନହେବା ପର୍ଯ୍ୟନ୍ତ ଆମେ ବିରକ୍ତି ମଧ୍ୟରେ ରହିଥାଉ । ଫଟୋର ଆକୃତି ଆମେ ଦେଖୁଥିଲେ ମଧ୍ୟ ଏହାକୁ ନିର୍ଦ୍ଦିଷ୍ଟ ଭାବେ ଚିହ୍ନିପାରୁ ନାହିଁ । ତେଣୁ ପରିକଳ୍ପନା ପାଇଁ ବୁଝିବା ଓ ଏକତ୍ରୀକରଣ କରାଯିବା ଆବଶ୍ୟକ ।

ଏକ ଅର୍ଥକୁ ସଠିକ୍ ଭାବେ ପରିକଳ୍ପନା କରିବାର ବିଫଳତା ଆମକୁ ଅସ୍ତବ୍ୟସ୍ତ କରିଥାଏ । ତେଣୁ ଏହି ମେଳ ଆମ ସଂସ୍କୃତି ଦ୍ୱାରା ନିୟନ୍ତ୍ରିତ । ଆମ ସାଂସ୍କୃତିକ ଅନୁଭୂତିରୁ ଆମର ଆଭ୍ୟନ୍ତରିଣ ଚିନ୍ତାଧାରା ବା ଶୈଳୀ ବିକଶିତ ହୋଇଥାଏ । ଏହାର ଅର୍ଥ ଭିନ୍ନଭିନ୍ନ ସଂସ୍କୃତିର ବ୍ୟକ୍ତିବିଶେଷ ବାସ୍ତବତାକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖିଥାନ୍ତି । ତେଣୁ ପରିକଳ୍ପନା ବ୍ୟକ୍ତି ମଧ୍ୟରେ ଏକ ମାନସିକ ପ୍ରକ୍ରିୟା ନୁହେଁ, ଏଥିସହ ସଂସ୍କୃତି ଜଡ଼ିତ ରହିଛି ।

୧) ଭୂଲମ୍ବ ପରିମେୟ : ବର୍ତ୍ତମାନ ଆମେ ଦ୍ୱିତୀୟ ସୋପାନ ଓ ଭୂଲମ୍ବ ପରିମେୟକୁ ଯିବା । ଯେତେବେଳେ ବୋଧଗମ୍ୟ 'ଇ୧' ସଂକେତ 'ଇ'ରେ ବା ଗର୍ବନର କୋଡ଼ 'ଏସଇ'ରେ ରୂପାନ୍ତରିତ ହୁଏ ସେତେବେଳେ ଭୂଲମ୍ବ ପରିମେୟ ଉପଯୋଗ ହୋଇଥାଏ । ଏହାକୁ ସାଧାରଣ ଭାବେ ଏକ ଘଟଣା ସଂପର୍କିତ ସାଂକେତିକ ବା ବିବୃତିଯୁକ୍ତ ବାର୍ତ୍ତା ବୋଲି ଆମେ କହିଥାଉ ।

ବାର୍ତ୍ତାର ପ୍ରତିନିଧିତ୍ୱ କରୁଥିବା ବୃତ୍ତକୁ ଦୁଇ ଭାଗରେ ବିଭକ୍ତ କରାଯାଏ । 'ଏସ୍' କୁ ସଙ୍କେତ ଭାବେ ଗ୍ରହଣ କରାଯାଏ ଏବଂ 'ଇ'କୁ ବିଷୟ ଭାବେ ଗ୍ରହଣ କରାଯାଏ । ବିଷୟ ବା 'ଇ' ଏକାଧିକ ଭାବେ ପ୍ରସାରିତ ହୋଇପାରେ । ଏଥିପାଇଁ ଥିବା ଏକାଧିକ 'ଏସ୍' ମଧ୍ୟରୁ ଗୋଟିଏ ମନୋନୀତ କରାଯାଇପାରେ । ବାର୍ତ୍ତା ପ୍ରେରଣକାରୀ ପାଇଁ 'ଇ' ନିମନ୍ତେ ସର୍ବୋତ୍କୃଷ୍ଟ 'ଏସ୍' ଚୟନ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ, 'ଏସଇ' ହେଉଛି ଏକ ଏକୀକୃତ ଚିନ୍ତାଧାରା । ଏହା ଦୁଇଟି ଭିନ୍ନ କ୍ଷେତ୍ରରେ ଏକତ୍ରୀକରଣ ନୁହେଁ । ଏପରି ଚିନ୍ତା କରାଗଲେ 'ଇ'ର ଉପସ୍ଥାପନାକୁ 'ଏସ୍' ବାଧାପ୍ରାପ୍ତ କରିବ । ଆକାର ଓ ବିଷୟ ମଧ୍ୟରେ ସଂପର୍କ ଗତିଶୀଳ ଓ ବିନିମୟଶୀଳ । ବିଷୟବସ୍ତୁ କେବଳ ଆକାର ଦ୍ୱାରା ପ୍ରସାରିତ ହୋଇପାରିବ ନାହିଁ । ଏପ୍ରକାର ଅବସ୍ଥାକୁ ଆଇ.ଏ.ରିଚାର୍ଡ୍‌ସ୍ 'ରୁଚି ବିହୀନ ଯୋଗାଯୋଗ ତତ୍ତ୍ୱ' ବୋଲି ବର୍ଣ୍ଣନା କରିଛନ୍ତି । ଯୋଗାଯୋଗ ତତ୍ତ୍ୱକୁ ଅଗ୍ରାହ୍ୟ କରି ରିଚାର୍ଡ୍‌ସ୍ ଏପ୍ରକାର ବାକ୍ୟ ବ୍ୟବହାର କରିଛନ୍ତି । ତାଙ୍କ ମତରେ ଶାନନ୍ ଓ ୱିଭରଙ୍କ ମଡ଼େଲରେ ପ୍ରମୁଖ ବାର୍ତ୍ତା ସ୍ୱାଧୀନ ଭାବେ ଅବସ୍ଥାନ କରିଥାଏ । ଏହାକୁ ଏନ୍‌କୋଡ଼େଡ଼୍ କରାଯାଏ, ଅର୍ଥାତ ପ୍ରେରଣ ପାଇଁ ପାର୍ଶଲ ପରି ଭାଷାରେ ବନ୍ଧା ଯାଇଥାଏ । ପ୍ରାପକ ଏହାକୁ ଡିକୋଡ଼୍ କରିଥାଏ ବା ଖୋଲିଥାଏ । ଏହାପରେ ପ୍ରମୁଖ ବାର୍ତ୍ତା ଉନ୍ମୋଚିତ ହୋଇଥାଏ । ତାଙ୍କ ପାଇଁ ଭ୍ରାନ୍ତି ଏହା ଯେ, ସଂଯୋଜିତ ବା ଏନକୋଡ଼୍ ହେବା ପୂର୍ବରୁ ବାର୍ତ୍ତାର ଅବସ୍ଥିତି ଥାଏ ।

ସଂଯୋଜନା ଏକ ସର୍ଜନାତ୍ମକ ପ୍ରକ୍ରିୟା । ଏହା ପୂର୍ବରୁ କେବଳ ଗତି ରହିଥାଏ । ଆକାର ପୂର୍ବରୁ ବିଷୟ ନଥାଏ । ସଂଯୋଜିତ ହେବା ପରେ ବିଷୟ ଏନକୋଡ଼୍ ହେବା ଆବଶ୍ୟକ, ପ୍ରାକ୍ ପରିକଳ୍ପନାକୁ ନେଇ ନୁହେଁ । ଏହାର ଅର୍ଥ ହେଲା ରୂପ ଓ ବିଷୟ ମଧ୍ୟରେ ପ୍ରଭେଦ ଖୋଜିବା ପାଇଁ ଉଦ୍ୟମ କରିବା ଏକ ସନ୍ଦେହପୂର୍ଣ୍ଣ ପ୍ରକ୍ରିୟା ଅଟେ । ଭୂଲମ୍ୱ ଯୋଗାଯୋଗ ପରିମେୟରେ ମନୋନୟନ ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ସମାନ୍ତରରେ ରହିଥାଏ ।

ପ୍ରଥମେ ଯୋଗାଯୋଗର ମାଧ୍ୟମ ଓ ଚ୍ୟାନେଲ ନିରୂପିତ ହେବା ଆବଶ୍ୟକ । ଏହାପରେ 'ଇ୧' ମଧ୍ୟରୁ ବୋଧଗମ୍ୟ ମନୋନୀତ ହେବା ଆବଶ୍ୟକ । କାରଣ 'ଇ' ପାଇଁ କେବଳ 'ଇ୧' ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱିତ ପ୍ରତିକ୍ରିୟା ହୋଇପାରିବ ନାହିଁ । ସେହିପରି 'ଇ୧' ସଂପର୍କରେ ସଙ୍କେତ ପୂର୍ଣ୍ଣାଙ୍ଗ ଓ ସମନ୍ୱିତ ହୋଇପାରିବ ନାହିଁ । ମନୋନୟନ ଓ ବିଭ୍ରାନ୍ତି ନିଶ୍ଚିତ ଘଟିବ ।

ଏହି ପରିମେୟ ପଶ୍ଚାତରେ ଥିବା ମୌଳିକ ଚିନ୍ତାଧାରାରେ ଗଣମାଧ୍ୟମ ଓ ଯୋଗାଯୋଗ ମାଧ୍ୟମର ଉପଲବ୍ଧି ଚିନ୍ତାଧାରା ନିହିତ ରହିଛି । ଟେଲିଭିଜନ ଓ ସମାଜ ମଧ୍ୟରେ ସଂପର୍କକୁ ନେଇ ହେଉଥିବା ବିତର୍କରେ ଗଣମାଧ୍ୟମ କାହାର ଅଧିକାରପ୍ରାପ୍ତି ହୋଇପାରିଛି ତାହା ଜ୍ୱଳନ୍ତ ପ୍ରସଙ୍ଗ ହୋଇଛି । ମଡ଼େଲର ସମାନ୍ତର ପରିମେୟ ଏକଥା ଆମକୁ ସୂଚିତ କରୁଛି ଯେ,'ଇ୧' ନିଶ୍ଚିତ ଭାବେ 'ଇ'ରୁ ମନୋନୀତ ହେବା ଆବଶ୍ୟକ । ଫଳରେ କିଏ ମନୋନୟନ କଲା ଏବଂ କାହା ଛବି 'ଏସଇ' ଭାବେ ପ୍ରସାରିତ ହେଲା ତାହା ଗୁରୁତ୍ୱପୂର୍ଣ୍ଣ ଅଟେ । ଶ୍ରମିକ ସଂଗଠନ ପକ୍ଷରୁ କେତୋଂଶରେ ଯୁକ୍ତିଯୁକ୍ତ ଦାବି କରଯାଏ ଯେ, ଶିଳ୍ପ ସଂକ୍ରାନ୍ତ ସମ୍ବାଦ ପ୍ରସାରଣ ସମୟରେ ଟେଲିଭିଜନଗୁଡ଼ିକ ମଧ୍ୟବିତ ଶ୍ରେଣୀ ପରିଚାଳନା ଭାବଧାରା ମନ୍ତବ୍ୟ ପ୍ରତି ଅଧିକ ଅନୁକଂପାଶୀଳ ହୋଇଥାନ୍ତି ।

ଏହା ଉଦ୍ଦେଶ୍ୟମୂଳକ ନୁହେଁ । ବାସ୍ତବ ବିଷୟଟି ହେଉଛି ଟେଲିଭିଜନ କର୍ମଚାରୀ ସାଧାରଣ ଭାବେ ଶ୍ରମିକଙ୍କ ତୁଳନାରେ ପରିଚାଳକଙ୍କ ଅନୁରୂପ ଶ୍ରେଣୀ, ଶିକ୍ଷାଗତ ଯୋଗ୍ୟତା ଓ ସଂସ୍କୃତି ସହ ଅଧିକ ନିବିଡ଼ । ତେଣୁ ସେମାନଙ୍କର 'ଇ୧' ସ୍ୱାଭାବିକ ଭାବେ ମ୍ୟାନେଜର ପରି 'ଇ' କୁ ମନୋନୀତ କରିବେ ।

ପ୍ରକ୍ରିୟାର ତୃତୀୟ ସୋପାନ ପାଇଁ ଆମକୁ ସମାନ୍ତର ପରିମେୟକୁ ଫେରିବା ପାଇଁ ପଡ଼ିବ । କିନ୍ତୁ ଏଠାରେ ଦେଖାଯାଏ ଯେ ପ୍ରାପକ 'ଏମ୨' ଯାହା ପରିକଳ୍ପନା କରିଥାଏ ତାହା ଘଟଣା 'ଇ' ନୁହେଁ । ବରଂ ଘଟଣା ଏକ ସଂକେତ ବା ଇସ୍ତାହାର ଯାହା 'ଏସଇ' ଅଟେ । ସୋପାନ ୧ରେ ଆମେ ସମାନ ପ୍ରକ୍ରିୟା ଅବଲମ୍ବନ କଲେ ବାର୍ତ୍ତାର ଭାବନା ବାର୍ତ୍ତା ମଧ୍ୟରେ ନଥାଏ ବରଂ ବାର୍ତ୍ତା ଓ ପ୍ରାପକ ମଧ୍ୟରେ ମତବିନିମୟ ଏବଂ ବୁଝାମଣାର ଏହା ଫଳାଫଳ ବୋଲି ଜଣାପଡ଼େ । 'ଏମ ୨' ନିଜ ସଂସ୍କୃତି ବା ଉପସଂସ୍କୃତିରୁ କିଛି ଚିନ୍ତାଧାରା ବା ଆବଶ୍ୟକତା 'ଏସଇ' ନିକଟକୁ ଆଣିଲେ । ଯଦି 'ଏମ ୨' ଏହାକୁ 'ଏସଇ' ସହ ସଂଯୋଜିତ କରିପାରିଲେ ତାହାଲେ ସେ ବାର୍ତ୍ତା ଭାବନା ପାଇଯିବେ । ଅନେକ ଭାବନା ପରିପ୍ରକାଶ କରିବାର ଦକ୍ଷତା ବାର୍ତ୍ତା ମଧ୍ୟରେ ରହିଥାଏ ବୋଲି ଜାଣିରଖିବା ଉଚିତ୍ ।

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ଆରିଷ୍ଟୋଟଲଙ୍କ ଯୋଗାଯୋଗ ମଡ଼େଲ କଣ ?

୨) ଆରିଷ୍ଟୋଟଲଙ୍କ ଯୋଗାଯୋଗ ମଡ଼େଲର ୫ଟି ଉପାଦାନ ସଂପର୍କରେ ଆଲୋଚନା କର ?

୩) ଲାସ୍‌ୱେଲ ଯୋଗାଯୋଗ ମଡ଼େଲ ସଂପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଲେଖ ?

୪) ଲାସ୍‌ୱେଲ ଯୋଗାଯୋଗ ମଡ଼େଲର ଉପଯୋଗିତା ଓ ସମସ୍ୟା କଣ ?

୫) ଅସ୍‌ଗୁଡ଼ - ସ୍କରାମଙ୍କ ଯୋଗାଯୋଗ ମଡ଼େଲ ସଂପର୍କରେ ସଂକ୍ଷିପ୍ତ ବିବରଣୀ ଦିଅ ?

୬) ସ୍କରାମ ଯୋଗାଯୋଗ ମଡ଼େଲର ବିଭିନ୍ନ ଉପାଦାନ ଗୁଡ଼ିକ କଣ ?

୭) ସ୍କରାମ ଯୋଗାଯୋଗ ମଡ଼େଲର କାର୍ଯ୍ୟଧାରା ସଂପର୍କରେ ବୁଝାଅ ?

୮) ଅଭିଜ୍ଞତା କ୍ଷେତ୍ର କହିଲେ କଣ ବୁଝ ?

୯) ସ୍କରାମ ଯୋଗାଯୋଗ ମଡ଼େଲର ଉପଯୋଗିତା ଓ ସମସ୍ୟା କଣ ?

୧୦) ଗର୍ବନର ଯୋଗାଯୋଗ ମଡ଼େଲ ଓ ଏହାର ଚିନ୍ତାଧାରା ସଂପର୍କରେ ଆଲୋଚନା କର ?

# ତୃତୀୟ ଏକକ : ବର୍ଲୋଙ୍କ ମଡ଼େଲ, ଶାନନ୍ ଓ ୱିଭର ମଡ଼େଲ, ଡ଼େଫଲୁର ମଡ଼େଲ, କାଜ୍ ଓ ଲାଜାରଫେଲ୍ଡ ମଡ଼େଲ

## ବିଷୟ ଗଠନ :


୩.୧ ପଠନର ଉଦ୍ଦେଶ୍ୟ

୩.୨ ଉପକ୍ରମଣିକା

୩.୩ ବର୍ଲୋଙ୍କ ଏସଏମସିଆର ଯୋଗାଯୋଗ ମଡ଼େଲ

୩.୩.୧ ବର୍ଲୋଙ୍କ ଯୋଗାଯୋଗ ମଡ଼େଲର ଉପାଦାନ

୩.୩.୨ ବର୍ଲୋଙ୍କ ଏସଏମସିଆର ମଡ଼େଲର ତ୍ରୁଟି

୩.୪ ଶାନନ୍ ଓ ୱିଭର ଯୋଗାଯୋଗ ମଡ଼େଲ

୩.୪.୧ ଶାନନ୍ ଓ ୱିଭର ଯୋଗାଯୋଗ ମଡ଼େଲର ତ୍ରୁଟି

୩.୫ ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲ

୩.୫.୧ ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲର ଚିନ୍ତାଧାରା

୩.୫.୨ ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲର ତତ୍ତ୍ୱ

୩.୫.୩ ଶାନନ୍ - ୱିଭର ମଡ଼େଲ ସହ ତୁଳନା

୩.୬ ଏଲିହୁ କାଜ୍ ଓ ପଲ୍ ଲାଜାରଫେଲ୍ଡଙ୍କ ଗଣଯୋଗାଯୋଗର ଦୁଇ ସୋପାନ ଫ୍ଲୋ ବା ପ୍ରବାହ ତତ୍ତ୍ୱ

୩.୬.୧ ଜନମତ ସୃଷ୍ଟିକାରୀଙ୍କ ଚିନ୍ତାଧାରା

୩.୬.୨ ଦୁଇ ସୋପାନ ଫ୍ଲୋ ବା ପ୍ରବାହ ମଡ଼େଲର ସମାଲୋଚକ

୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ


## ୩.୧ ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଠନ ପରେ ଆମେ କେତେକ ଯୋଗାଯୋଗ ମଡ଼େଲ ଯଥା ବର୍ଲୋଙ୍କ ମଡ଼େଲ, ଶାନନ୍ ଓ ୱିଭର ମଡ଼େଲ, ଡ଼େଫଲୁର ମଡ଼େଲ, କାଜ୍ ଓ ଲାଜାରଫେଲ୍ଡଙ୍କ ଦୁଇ ସୋପାନ ଫ୍ଲୋ ମଡ଼େଲ ସଂପର୍କରେ ଜାଣିପାରିବା । ଏହି ମଡ଼େଲଗୁଡ଼ିକର ସୀମିତତା ଓ ତ୍ରୁଟି ସଂପର୍କରେ ମଧ୍ୟ ଆମେ ଅବଗତ ହୋଇପାରିବା । କେତେକ ମଡ଼େଲ ନୂଆ ଚିନ୍ତାଧାରା ଓ ଗୁରୁତ୍ୱପୂର୍ଣ୍ଣ ଉପାଦାନ ପ୍ରଦାନ କରିଥାନ୍ତି । ଏଗୁଡ଼ିକର ଗୁରୁତ୍ୱ ସଂପର୍କରେ ମଧ୍ୟ ଏହି ଅଧ୍ୟାୟରେ ଜାଣିବା ।

## ୩.୨ ଉପକ୍ରମଣିକା

ଏହି ପରିଚ୍ଛେଦରେ କେତେକ ଲିନିୟର ମଡ଼େଲ ଯୋଗାଯୋଗ ସଂପର୍କରେ ଉଲ୍ଲେଖ କରାଯାଇଛି । ଏଠାରେ ଏକ ସରଳ ମଡ଼େଲରୁ ଅନେକ ଯୋଯୋଗ ତତ୍ତ୍ୱ ପାଇଁ ବାଟ ଫିଟିଥାଏ । ସୂଚନା ତତ୍ତ୍ୱବିତ୍ ଓ ମନୁଷ୍ୟ ଯୋଗାଯୋଗ ବିଦ୍ୱାନଙ୍କୁ ମଡ଼େଲ ଆକର୍ଷିତ କରିବା ସହ ଯୋଗାଯୋଗ କ୍ଷେତ୍ରରେ ସେମାନଙ୍କ ପରବର୍ତ୍ତୀ ଗବେଷଣା ପାଇଁ ସହାୟକ ହୋଇଥାଏ ।

## ୩.୩ ବର୍ଲୋଙ୍କ ଏସଏମସିଆର ଯୋଗାଯୋଗ ମଡ଼େଲ

୧୯୬୦ ମସିହାରେ ଡେଭିଡ଼ ବର୍ଲୋ ପ୍ରେରକ - ବାର୍ତ୍ତା - ମାଧ୍ୟମ - ପ୍ରାପକ ଯୋଗାଯୋଗ ମଡ଼େଲ ପ୍ରଣୟନ କରିବା ସହ ଏହାକୁ ଶାନନ୍ ୱିଭର ମଡ଼େଲ (୧୯୪୯) ତୁଳନାରେ ଅଧିକ ଯୁକ୍ତିଯୁକ୍ତ ବୋଲି ଦାବି କରିଥିଲେ । ବର୍ଲୋଙ୍କ ଅନୁଯାୟୀ ଯୋଗାଯୋଗରେ ବ୍ୟକ୍ତିଗତ ଉପାଦାନକୁ ପ୍ରଭାବିତ କରୁଥିବା ପରିସ୍ଥିତି ଯୋଗାଯୋଗକୁ ଅଧିକ ପ୍ରଭାବଶାଳୀ କରିଥାଏ ।

ଯୋଗାଯୋଗ ପ୍ରକ୍ରିୟାକୁ ବର୍ଣ୍ଣନା କରିବା ପାଇଁ ବର୍ଲୋଙ୍କ ମଡ଼େଲରେ ୪ଟି ମୌଳିକ ଉପାଦାନ ରହିଛି । ଏଗୁଡ଼ିକ ହେଲା ପ୍ରେରକ, ବାର୍ତ୍ତା, ମାଧ୍ୟମ ଓ ପ୍ରାପକ । କେତେକ ପରିସ୍ଥିତି ଦ୍ୱାରା ପ୍ରତ୍ୟେକ ଉପାଦାନ ପ୍ରଭାବିତ ହୋଇଥାନ୍ତି । ତାଙ୍କ ମଡ଼େଲ ଏନକୋଡ଼ିଂ ଓ ଡିକୋଡ଼ିଂ ଉପରେ ଦୃଷ୍ଟିପାତ କରିଥାଏ ଯାହା ଯଥାକ୍ରମେ ପ୍ରେରକ ବାର୍ତ୍ତା ପ୍ରେରଣ ପୂର୍ବରୁ ଓ ପ୍ରାପକ ବାର୍ତ୍ତା ଗ୍ରହଣ ପୂର୍ବରୁ ଘଟିଥାଏ । ବର୍ଲୋଙ୍କ ମଡ଼େଲ ସଂପର୍କରେ ଏବେ ଆମେ ପୁଙ୍ଖାନୁପୁଙ୍ଖ ଭାବେ ଜାଣିବା ।

ବର୍ଲୋ ଯୋଗାଯୋଗ ମଡ଼େଲ

ଚିତ୍ର : ୩ :୧




ସୂତ୍ର : ଯୋଗାଯୋଗ ଦକ୍ଷତା, ଆଚରଣ, ଜ୍ଞାନ, ସାମାଜିକ ବ୍ୟବସ୍ଥା, ସଂସ୍କୃତି - ଏନକୋଡ଼ - ବାର୍ତ୍ତା: ବିଷୟବସ୍ତୁ, ଉପାଦାନ, ଉପଚାର, ଗଠନ, କୋଡ଼

ଚ୍ୟାନେଲ : ଶ୍ରବଣ, ଦର୍ଶନ, ସ୍ପର୍ଶ, ଘ୍ରାଣ, ସ୍ୱାଦ - ଡିକୋଡ଼୍- ପ୍ରାପକ: ଯୋଗାଯୋଗ ଦକ୍ଷତା, ଆଚରଣ, ଜ୍ଞାନ, ସାମାଜିକ ବ୍ୟବସ୍ଥା, ସଂସ୍କୃତି

## ୩.୩.୧ ବର୍ଲୋଙ୍କ ଯୋଗାଯୋଗ ମଡ଼େଲର ଉପାଦାନ

**୧ : ଏସ୍ - ପ୍ରେରକ :** ପ୍ରେରକ ହେଉଛନ୍ତି ବାର୍ତ୍ତାର ସୂତ୍ର ବା ବ୍ୟକ୍ତି ଯେଉଁଠାରୁ ବାର୍ତ୍ତା ଉତ୍ପତି ହୋଇଥାଏ । ସୂତ୍ର ପ୍ରାପକଙ୍କ ନିକଟକୁ ବାର୍ତ୍ତା ପ୍ରେରଣ କରିଥାନ୍ତି । ଯେଉଁ ସବୁ ପରିସ୍ଥିତି ପ୍ରେରକଙ୍କ ସହ ଜଡ଼ିତ ସେସବୁ ପ୍ରାପକଙ୍କ ପ୍ରତି ମଧ୍ୟ ପ୍ରଯୋଗଶୀଳ । ନିମ୍ନରେ ସେଗୁଡ଼ିକ ଉଲ୍ଲେଖ କରାଗଲା :

କ) ଯୋଗଯୋଗ ଦକ୍ଷତା : ଯୋଗାଯୋଗ ଦକ୍ଷତା ଯୋଗାଯୋଗ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଯଦି ପ୍ରେରକଙ୍କର ଉତ୍ତମ ଯୋଗାଯେଗ ଦକ୍ଷତା ରହିଥିବ ତାହାଲେ ବାର୍ତ୍ତାର ଯୋଗାଯୋଗ ଉତ୍ତମ ହେବ । ସେହିପରି ପ୍ରାପକ ଯଦି ବାର୍ତ୍ତା ବୁଝିବାରେ ଅସମର୍ଥ ତାହାଲେ ଯୋଗାଯୋଗ ପ୍ରଭାବଶାଳୀ ହୋଇପାରିବ ନାହିଁ । ଦକ୍ଷତା ମଧ୍ୟରେ କହିବା, ପଢ଼ିବା, ଉପସ୍ଥାପନା କରିବା, ଲେଖିବା, ଶୁଣିବା ଓ ଚିପିବା ଅନ୍ତର୍ଭୁକ୍ତ।

ଖ) ଆଚରଣ : ପ୍ରେରକ ଓ ପ୍ରାପକଙ୍କ ଆଚରଣ ବାର୍ତ୍ତାରେ ପ୍ରଭାବ ସୃଷ୍ଟି କରିଥାଏ । ବ୍ୟକ୍ତିର ନିଜ ପ୍ରତି, ପ୍ରାପକଙ୍କ ପ୍ରତି ଓ ପରିବେଶ ପ୍ରତି ଆଚରଣ, ବାର୍ତ୍ତାର ପ୍ରଭାବ ଓ ଭାବରେ ପରିବର୍ତ୍ତନ ଆଣିଥାଏ ।

ଗ) ଜ୍ଞାନ : ବାର୍ତ୍ତାର ବିଷୟବସ୍ତୁ ସଂପର୍କରେ ଉପଯୁକ୍ତ ଜ୍ଞାନ ଯୋଗାଯୋଗକୁ ଅଧିକ ପ୍ରଭାବଶାଳୀ କରିଥାଏ । ବିଷୟବସ୍ତୁ ସଂପର୍କରେ ଉପଯୁକ୍ତ ଜ୍ଞାନ ଯୋଗୁଁ ପ୍ରେରକ ସ୍ୱଳ୍ପ ତ୍ରୁଟିରେ ବାର୍ତ୍ତା ପ୍ରେରଣ କରିପାରିଥାଏ ।

ଘ) ସାମାଜିକ ବ୍ୟବସ୍ଥା : ମୂଲ୍ୟବୋଧ, ବିଶ୍ୱାସ, ଆଇନ, ନିୟମାବଳୀ, ଧର୍ମ ଓ ଅନ୍ୟ କେତେ ସାମାଜିକ ପରିସ୍ଥିତି ପ୍ରେରକଙ୍କ ବାର୍ତ୍ତା ପ୍ରେରଣକୁ ପ୍ରଭାବିତ କରିଥାଏ । ବାର୍ତ୍ତା ଉତ୍ପନ୍ନରେ ଏହା ପ୍ରଭେଦ ସୃଷ୍ଟି କରିଥାଏ।

ଙ) ସଂସ୍କୃତି : ସାଂସ୍କୃତିକ ପ୍ରଭେଦ ବାର୍ତ୍ତାରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । କାରଣ ଗୋଟିଏ ସଂସ୍କୃତିରେ ଯେଉଁ ବିଷୟ ଗ୍ରହଣୀୟ ତାହା ଅନ୍ୟ ସଂସ୍କୃତିରେ ଗ୍ରହଣୀୟ ହୋଇନପାରେ ।

**୨ : ଏମ୍ - ବାର୍ତ୍ତା :** ବାର୍ତ୍ତା ହେଉଛି କେତେକ ବିଷୟ ଯାହା ପ୍ରେରକଙ୍କ ନିକଟରୁ ପ୍ରାପକଙ୍କ ନିକଟକୁ ପଠାଯାଇଥାଏ । ଏହା ବକ୍ତବ୍ୟ, ଅଡ଼ିଓ, ଲିଖନ, ଭିଡ଼ିଓ ଆଦି ବିଭିନ୍ନ ରୂପରେ ପଠାଯାଇପାରେ । ବାର୍ତ୍ତାକୁ ପ୍ରଭାବିତ କରୁଥିବା ବିଷୟଗୁଡ଼ିକ ହେଲା :

କ) ବିଷୟବସ୍ତୁ : ବାର୍ତ୍ତା ମଧ୍ୟରେ ବିଷୟବସ୍ତୁ ରହିଥାଏ । ମୂଳରୁ ଶେଷ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବାର୍ତ୍ତାକୁ ବିଷୟବସ୍ତୁ କୁହାଯାଇଥାଏ ।

ଖ) ଉପାଦାନ : ଅଙ୍ଗଭଙ୍ଗୀ, ସଂକେତ, ଭାଷା ଆଦି ପରି କେତେକ ଅଣମୌଖିକ ଉପାଦାନ ବାର୍ତ୍ତା ସହ ଜଡ଼ିତ ରୁହେ ।

ଗ) ଉପଚାର : କିପରି ଭାବେ ବାର୍ତ୍ତା ପ୍ରାପକଙ୍କ ନିକଟକୁ ପ୍ରେରଣ କରାଗଲା ତାହାକୁ ଉପଚାର କୁହାଯାଇଥାଏ। ଉପଚାର ପ୍ରାପକଙ୍କ ମତାମତକୁ ପ୍ରଭାବିତ କରିଥାଏ ।

ଘ) ଗଠନ : ବାର୍ତ୍ତାର ଗଠନ ବା ପ୍ରସ୍ତୁତି ଢ଼ାଞ୍ଚା ଏହାର ପ୍ରଭାବ ବୃଦ୍ଧି ବା ହ୍ରାସ କରିଥାଏ ।

ଙ) କୋଡ଼ : ଏହା ହେଉଛି ବାର୍ତ୍ତା ପ୍ରେରଣର ରୂପ । ଏହା ଭାଷା, ଲିଖିତ ବିଷୟ ବା ଭିଡ଼ିଓ ରୂପରେ ହୋଇପାରେ।

**୩ : ସି – ଚ୍ୟାନେଲ :** ବାର୍ତ୍ତା ପ୍ରେରଣ ପାଇଁ ବ୍ୟବହୃତ ମାଧ୍ୟମକୁ ଚ୍ୟାନେଲ କୁହାଯାଏ । ମୌଳିକ ଯୋଗାଯୋଗରେ ମଣିଷର ପାଞ୍ଚ ଇନ୍ଦ୍ରିୟ ଯୋଗାଯୋଗ ପ୍ରବାହର ମାଧ୍ୟମ ହୋଇଥାଏ । ଏହି ୫ ଇନ୍ଦ୍ରିୟ ଚ୍ୟାନେଲକୁ ପ୍ରଭାବିତ କରିଥାଏ ।

କ) ଶ୍ରବଣ : ଶ୍ରବଣ ଜରିଆରେ ବାର୍ତ୍ତା ଗ୍ରହଣ ।

ଖ) ଦର୍ଶନ : ଦେଖିକରି ଆମେ କିଛି ଅନୁମାନ କରିପାରୁ । ଦର୍ଶନ ଦ୍ୱାରା ଅଣମୌଖିକ ବାର୍ତ୍ତା ମିଳିଥାଏ ।

ଗ) ସ୍ପର୍ଶ : ଅଧିକାଂଶ ଅଣମୌଖିକ ଯୋଗାଯୋଗ ହାତ ଧରିବା ପରି ସ୍ପର୍ଷଜନିତ କାରଣରୁ ହୋଇଥାଏ ।

ଘ) ଘ୍ରାଣ : ବାସ୍ନା ଶୁଙ୍ଘି ଆମେ ସୂଚନା ସଂଗ୍ରହ କରିପାରୁ ।

ଙ) ସ୍ୱାଦ : ସ୍ୱାଦ କେତେକ ସୂଚନା ଦେଇଥାଏ ଯାହା ବାର୍ତ୍ତା ଭାବେ ପ୍ରେରଣ କରାଯାଇପାରେ ।

**୪ : ଆର୍ – ଗ୍ରହଣ :** ଯୋଗାଯୋଗ ପ୍ରକ୍ରିୟାରେ ପ୍ରେରିତ ବାର୍ତ୍ତା ଯେ ଗ୍ରହଣ କରନ୍ତି ତାଙ୍କୁ ଗ୍ରହଣକାରୀ ବା ପ୍ରାପକ କୁହାଯାଇଥାଏ । ଚିନ୍ତା ଶୈଳୀ ଓ ଉପର ବର୍ଣ୍ଣିତ ସମସ୍ତ ବିଷୟ ପ୍ରେରକଙ୍କ ସହ ଖାପ୍ ଖାଉଥିବା ଆବଶ୍ୟକ। ଯଦି ପ୍ରେରକ ଓ ପ୍ରାପକଙ୍କ ଚିନ୍ତାଧାରା ସମାନ ନରହିଲା ତାହାଲେ ଚାହୁଁଥିବା ଅନୁଯାୟୀ ବାର୍ତ୍ତା ପ୍ରଭାବଶାଳୀ ହୋଇପାରେ ନାହିଁ । ଗ୍ରହଣକାରୀଙ୍କ ନିଶ୍ଚିତ ଭାବେ ଉତ୍ତମ ଶ୍ରବଣ ଦକ୍ଷତା ରହିବା ଆବଶ୍ୟକ । ଅନ୍ୟାନ୍ୟ ବିଷୟ ପ୍ରେରକଙ୍କ ସହ ସମାନ ।

କ) ଯୋଗାଯୋଗ ଦକ୍ଷତା

ଖ) ଆଚରଣ

ଗ) ଜ୍ଞାନ

ଘ) ସାମାଜିକ ବ୍ୟବସ୍ଥା

ଙ) ସଂସ୍କୃତି

## ୩.୩.୨ ବର୍ଲୋଙ୍କ ଏସଏମସିଆର ମଡ଼େଲର ତ୍ରୁଟି

ଏବେ ବର୍ଲୋଙ୍କ ଯୋଗାଯୋଗ ମଡ଼େଲର ସୀମିତତା ସଂପର୍କରେ ଜାଣିବା

- ଏଥିରେ ମତାମତ ଚିନ୍ତାଧାରା ଉଲ୍ଲେଖ ନାହିଁ । ଫଳରେ ପ୍ରଭାବ ବିଚାରଯୋଗ୍ୟ ହୋଇପାରେ ନାହିଁ ।
- ଯୋଗାଯୋଗ ପ୍ରକ୍ରିୟାରେ କୌଣସି ଦ୍ୱନ୍ଦ୍ୱ ବା ପ୍ରତିବନ୍ଧକ ଉଲ୍ଲେଖ ନାହିଁ
- ଏହା ଲିନିୟର ମଡ଼େଲ ଯୋଗାଯୋଗ ବ୍ୟବସ୍ଥା, ଏଥିରେ ଉଭୟ ପାର୍ଶ୍ୱ ଯୋଗାଯୋଗ ବ୍ୟବସ୍ଥା ନାହିଁ ।
- ପ୍ରେରକ ଓ ପ୍ରାପକଙ୍କ ମଧ୍ୟରେ ଆଦୌ ପ୍ରଭେଦ ନାହିଁ । ଉପର ବର୍ଣ୍ଣିତ ବିଷୟ ଭିତ୍ତିରେ ଉଭୟେ ସମାନ ।

## ୩.୪ ଶାନନ୍ ଓ ୱିଭର ଯୋଗାଯୋଗ ମଡ଼େଲ

୧୯୪୮ ମସିହାରେ ଆମେରିକୀୟ ଗଣିତଜ୍ଞ ତଥା ଇଲେକ୍‌ଟ୍ରୋନିକ ଇଞ୍ଜିନିୟର ଶାନନ୍ ଓ ଆମେରିକୀୟ ବୈଜ୍ଞାନିକ ୱିଭର ମିଳିତ ଭାବେ 'ବେଲ ସିଷ୍ଟମ ଟେକ୍ନିକାଲ ପତ୍ରିକା'ରେ 'ଏ ମ୍ୟାଥମେଟିକାଲ ଥିଓରି ଅଫ କମ୍ୟୁନିକେସନ' ଶୀର୍ଷକରେ ଏକ ପ୍ରବନ୍ଧ ଲେଖିଲେ । ଏହାକୁ ଶାନନ୍ - ୱିଭର ଯୋଗାଯୋଗ ମଡ଼େଲ ବୋଲି କୁହାଯାଏ । ମୁଖ୍ୟତଃ ପ୍ରେରକ ଓ ଗ୍ରାହକଙ୍କ ମଧ୍ୟରେ ଫଳପ୍ରଦ ଯୋଗାଯୋଗ ପାଇଁ ଏହି ମଡ଼େଲ ବିକଶିତ କରାଯାଇଥିଲା । ଯୋଗାଯୋଗ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଥିବା କେତେକ ବିଷୟ ଏହି ମଡ଼େଲରେ ସେମାନେ ଚିହ୍ନଟ କରିଥିଲେ ଯାହାକୁ 'ନଏଜ୍' (ଶବ୍ଦ) ବା ଦ୍ୱନ୍ଦ୍ୱ କୁହାଗଲା । ବୈଷୟିକ ଯୋଗାଯୋଗରେ ଉନ୍ନତି ଆଣିବା ପାଇଁ ପ୍ରଥମେ ଏହି ମଡ଼େଲ ବିକାଶ କରାଗଲା । ଏହି ମଡ଼େଲରେ ୩ଟି ବିଷୟ ପ୍ରତି ଗୁରୁତ୍ୱ ଦିଆଗଲା । ସେଗୁଡ଼ିକ ହେଲା ମାଧ୍ୟମ ବିଶୃଙ୍ଖଳା, ଶବ୍ଦଗତ ଦ୍ୱନ୍ଦ୍ୱ ଓ ମତାମତ । ଏହି ୩ ବିଷୟକୁ ପ୍ରଥମ ଥର ପାଇଁ ଯୋଗାଯୋଗ ପ୍ରକ୍ରିୟାରେ ବିଚାରକୁ ନିଆଗଲା । ମାଧ୍ୟମ ବିଶୃଙ୍ଖଳା ଅର୍ଥ ହେଲା ବାର୍ତ୍ତା ପ୍ରେରଣ ସମୟରେ ସମସ୍ୟା । ଯେତେବେଳେ ବାର୍ତ୍ତା ବୋଧଗମ୍ୟ ହୁଏ ନାହିଁ ବା ପ୍ରାପକ ଏହାକୁ ବୁଝିପାରନ୍ତି ନାହିଁ ତାହାକୁ ଶବ୍ଦଗତ ଦ୍ୱନ୍ଦ୍ୱ କୁହାଯାଏ । ପ୍ରେରକଙ୍କ ଦ୍ୱାରା କ୍ଲିଷ୍ଟ ବା ଅଜଣା ଶବ୍ଦ ବ୍ୟବହାର ଦ୍ୱାରା ଏପ୍ରକାର ପରିସ୍ଥିତି ସୃଷ୍ଟି ହୋଇଥାଏ । ମତାମତ ଦ୍ୱାରା ଏକ ବାର୍ତ୍ତାର ପ୍ରଭାବ ଜାଣି ହୋଇଥାଏ। ଆବଶ୍ୟକତାକୁ ଚାହିଁ ଏହା ଯଥେଷ୍ଟ କି ନୁହେଁ ତାହା ମତାମତ ଦ୍ୱାରା ଜଣାପଡ଼ିଥାଏ ।

ଚିତ୍ର : ୩.୨: ସୂଚନା ସୂତ୍ର, ଏନକୋଡ଼ର, ଗ୍ରହଣ, ଲକ୍ଷ୍ୟସ୍ଥଳୀ, ପ୍ରେରକ, ମାଧ୍ୟମ, ଡିକୋଡ଼ର, ପ୍ରାପକ, ଦ୍ୱନ୍ଦ୍ୱ ବା ନଏଜ୍, ମତାମତ



ଏହି ମଡ଼େଲରେ ସୂଚନା ସୂତ୍ର, ପ୍ରସାରଣ, ଦ୍ୱନ୍ଦ୍ୱ ବା ନଏଜ୍, ମାଧ୍ୟମ, ବାର୍ତ୍ତା, ପ୍ରାପକ ବା ଗ୍ରହଣକାରୀ, ସୂଚନାର ଲକ୍ଷ୍ୟସ୍ଥଳୀ, ଏନକୋଡ଼ ଓ ଡିକୋଡ଼ ଆଦି ବିଭିନ୍ନ ଚିନ୍ତାଧାରା ସଂପର୍କରେ ଆଲୋଚନା କରାଯାଇଛି ।

ପ୍ରେରକଙ୍କ ଦ୍ୱାରା ସୂଚନା ସୂତ୍ର ବା ବାର୍ତ୍ତା ଉତ୍ପନ୍ନ କରାଯାଏ । ଆବଶ୍ୟକ ବାର୍ତ୍ତା ଏନକୋଡ଼ର ଦ୍ୱାରା ପ୍ରେରଣ କରାଯାଏ ଯାହା ବାର୍ତ୍ତାକୁ ସଙ୍କେତରେ ରୂପାନ୍ତରିତ କରିଥାଏ ।

ପ୍ରେରକଙ୍କ ବାର୍ତ୍ତା ସଂକେତ ଅନୁରୂପ ତରଙ୍ଗ ବା ବାଇନାରୀ ଡ଼ାଟାରେ ରୂପାନ୍ତରିତ ହୋଇଥାଏ । ଫଳରେ ଉପଗ୍ରହ ବା କେବୁଲ ଜରିଆରେ ବାର୍ତ୍ତା ପ୍ରେରଣ ସହଜ ହୋଇଥାଏ । ଉଦାହରଣ ସ୍ୱରୂପ ଟେଲିଫୋନରେ କଣ୍ଠସ୍ୱର ତରଙ୍ଗ ସଙ୍କେତରେ ରୂପାନ୍ତରିତ ହୋଇ କେବୁଲ ଜରିଆରେ ପ୍ରେରିତ ହୋଇଥାଏ । ସୂତ୍ର ନିକଟରୁ ଆସିଥିବା ଏହି ଏନକୋଡ଼େଡ଼ ବାର୍ତ୍ତାକୁ ଡିକୋଡ଼ କରାଯାଇଥାଏ ।

ପ୍ରାପକ ବା ଗ୍ରହୀତା ବାଇନାରୀ ଡ଼ାଟା ବା ତରଙ୍ଗକୁ ବାର୍ତ୍ତାରେ ପରିଣତ କରିଥାଏ ଯାହା ବୋଧଗମ୍ୟ ହୋଇଥାଏ । ଏହା ନହେଲେ ଗ୍ରହୀତା ସଠିକ୍ ବାର୍ତ୍ତା ପାଇପାରନ୍ତି ନାହିଁ । ଫଳରେ ପ୍ରେରକ ଓ ପ୍ରାପକ ମଧ୍ୟରେ ଫଳପ୍ରଦ ଯୋଗାଯୋଗରେ ବାଧା ସୃଷ୍ଟି ହୋଇଥାଏ ।

ପ୍ରେରକଙ୍କ ନିକଟରୁ ଆସୁଥିବା ବାର୍ତ୍ତାର ଲକ୍ଷ୍ୟସ୍ଥଳୀ ପ୍ରାପକ ବା ଗହୀତା ନିର୍ଦ୍ଧାରିତ କରିଥାନ୍ତି । ଡିକୋଡ଼େଡ଼ ବାର୍ତ୍ତା ଭିତ୍ତିରେ ପ୍ରାପକ ନିଜ ମତାମତ ପ୍ରେରକଙ୍କୁ ଜଣାଇଥାନ୍ତି । ବିଘ୍ନ ଯୋଗୁ ଯଦି ବାର୍ତ୍ତରେ ବିଚ୍ୟୁତି ଘଟିଥାଏ ତାହାଲେ ପ୍ରେରକ ଓ ପ୍ରାପକ ମଧ୍ୟରେ ଯୋଗାଯୋଗ ପ୍ରବାହ କ୍ଷତିଗ୍ରସ୍ତ ହୋଇଥାଏ ।

ପ୍ରେରିତ ବାର୍ତ୍ତାରେ ଦ୍ୱନ୍ଦ୍ୱ ବା ନଏଜ୍ ବିଭେଦ ସୃଷ୍ଟି କରିଥାଏ । ମାଧ୍ୟମ ଜରିଆରେ ବାର୍ତ୍ତା ଏନ୍‌କୋଡ଼ର ନିକଟରୁ ଡିକୋଡ଼ର ନିକଟକୁ ପ୍ରେରିତ ହୋଇଥାଏ । ଏହି ପ୍ରକ୍ରିୟାରେ ବାର୍ତ୍ତା କ୍ଷତିଗ୍ରସ୍ତ ହେଇଥାଏ । କୋଳାହଳ ଶବ୍ଦ, ଘଡ଼ଘଡ଼ି, ଗାଡ଼ି ହର୍ଣ୍ଣ ଯୋଗୁଁ ବାର୍ତ୍ତା ପ୍ରେରଣରେ ବାଧା ସୃଷ୍ଟି ହୋଇଥାଏ । ପ୍ରେରଣ ସମୟରେ ଚ୍ୟାନେଲରେ ଏନକୋଡ଼େଡ଼ ସଙ୍କେତଜନିତ ତ୍ରୁଟି ଯୋଗୁଁ ବାର୍ତ୍ତା ପ୍ରବାହରେ ବିଭ୍ରାଟ ଦେଖା ଦେଇଥାଏ । ଫଳରେ ପ୍ରାପକ ସଠିକ୍ ବାର୍ତ୍ତା ପାଇପାରି ନଥାନ୍ତି ।

ଏହି ମଡ଼େଲରେ ବାହ୍ୟ ବିଘ୍ନ ବିଷୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଏହାଦ୍ୱାରା ବାର୍ତ୍ତା ବା ବାହ୍ୟ ସୂତ୍ରରୁ ମିଳୁଥିବା ସଙ୍କେତ ବାଧାପ୍ରାପ୍ତ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ନେଟୱର୍କରେ ସସମ୍ୟା ଦେଖାଦିଏ ତାହାଲେ ମୋବାଇଲ ଫୋନ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥାଏ ବା ବାର୍ତ୍ତା ବିଭ୍ରାଟ ହୋଇଥାଏ ।

ଉଭୟ ଅନ୍ତଃବ୍ୟକ୍ତି ଯୋଗାଯୋଗ ଚ୍ୟାନେଲ ବା ଗଣମାଧ୍ୟମରେ ମାଧ୍ୟମ ବା ଚ୍ୟାନେଲ ନଏଜ୍ ହ୍ରାସ ପାଇଁ ବାର୍ତ୍ତାର ମୁଖ୍ୟ ଉପାଦାନ ବାରମ୍ବାର ବ୍ୟବହାର କରାଯାଏ । ଏହାକୁ ମାତ୍ରାଧିକ ନୀତି କୁହାଯାଇଥାଏ । ଦର୍ଶକ ବା ଶ୍ରୋତାଙ୍କ ବୋଧଗମ୍ୟ ଓ ଆବଶ୍ୟକତାକୁ ଦେଖି ପ୍ରେରକ ଯଦି ନିଜ ଶବ୍ଦରେ ପରିବର୍ତ୍ତନ ଆଣେ ତାହାଲେ ଶବ୍ଦଗତ ବିଭ୍ରାଟ ହ୍ରାସ କରାଯାଇ ପାରିବ । କିନ୍ତୁ ବାର୍ତ୍ତାର ବାଖ୍ୟା ଆବଶ୍ୟକତା ଅନୁଯାୟୀ ହେଲା କି ନାହିଁ ତାହା ପ୍ରେରକ ଓ ପ୍ରାପକଙ୍କ ମଧ୍ୟରେ ମତାମତ ବିନମୟ ଉପରେ ନିର୍ଭର କରିଥାଏ ।

## ୩.୪.୧ ଶାନନ୍ ଓ ୱିଭର ଯୋଗାଯୋଗ ମଡ଼େଲର ତ୍ରୁଟି

ନଏଜ୍ ବା ଦ୍ୱନ୍ଦ୍ୱ ଚିନ୍ତାଧାରାର ପ୍ରଚଳନ କରିଥିବା ଶାନନ୍ ଓ ୱିଭର ଯୋଗାଯୋଗ ମଡ଼େଲର ତ୍ରୁଟି ସଂପର୍କରେ ଏବେ ଜାଣିବା ।

- ଗୋଷ୍ଠୀ ବା ଗଣ ଦର୍ଶକ ଯୋଗାଯୋଗ ତୁଳନାରେ ବ୍ୟକ୍ତି - ବ୍ୟକ୍ତି ଯୋଗାଯୋଗ କ୍ଷେତ୍ରରେ ଏହା ଅଧିକ ଫଳପ୍ରଦ
- ଏହି ମଡ଼େଲ ପ୍ରେରକ ଓ ପ୍ରାପକଙ୍କୁ ନେଇ ପ୍ରସ୍ତୁତ କରାଯାଇଛି । ଏଠି ପ୍ରେରକ ପ୍ରାଥମିକ ଭୂମିକା ତୁଲାଇଥାନ୍ତି ଓ ପ୍ରାପକ ପରବର୍ତ୍ତୀ ଭୂମିକା ତୁଲାଇଥାନ୍ତି ।
- ଯୋଗାଯୋଗ ଏକତରଫା ପ୍ରକ୍ରିୟା ନୁହେଁ । ମତାମତ ଅଭାବରେ ଏହା ଏକତରଫା ଯୋଗାଯୋଗ ହୋଇଥାଏ।

## ୩.୫ ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲ

ମେଲଭିନ୍ ଲରେନ୍ସ ଡ଼େ ଫ୍ଲେଲ୍ୟୁର ସାମାଜିକ ମନସ୍ତତ୍ୱ ଓ ଯୋଗାଯୋଗ କ୍ଷେତ୍ରରେ ଜଣେ ବିଦ୍ୱାନ ତଥା ପ୍ରଫେସର । ଆମେରିକୀୟ ସଂପ୍ରଦାୟରେ ସୂଚନାର କିପରି ବିଚ୍ଛୁରଣ ଘଟେ ସେ ସଂପର୍କରେ ତାଙ୍କର ଗବେଷଣ ଶୀର୍ଷକ ଥିଲା 'ଏକ୍ସପେରିମେଣ୍ଟାଲ ଷ୍ଟଡ଼ି ଅଫ ଷ୍ଟିମୁଲସ୍ ରେସପନ୍ସ ରିଲେସନସିପ୍ ଇନ୍ ଲିଫ୍‌ଲେଟ କମ୍ୟୁନିକେସନ'।

## ୩.୫.୧ ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲର ଚିନ୍ତାଧାରା

ଡି ଫ୍ଲେଲ୍ୟୁରଙ୍କ ଯୋଗାଯୋଗ ମଡ଼େଲର ଭିତ୍ତିଭୂମି ଥିଲା ଶାନନ୍ - ୱିଭର ଯୋଗାଯୋଗ ମଡ଼େଲ । ଏହା ମୁଖ୍ୟତଃ ଶାନନ୍ - ୱିଭର ଯୋଗାଯୋଗ ମଡ଼େଲର ସଂପ୍ରସାରଣ । ଏଥିରେ ମଧ୍ୟ ୱେଷ୍ଟଲେ ଏଣ୍ଡ ମ୍ୟାକଲିନ୍ ଯୋଗଯୋଗ ମଡ଼େଲ ସନ୍ନିବେଶିତ ଅଛି । ୱେଷ୍ଟଲେ ଏଣ୍ଡ ମ୍ୟାକଲିନ୍ ମଡ଼େଲରେ ଯୋଗଯୋଗର ବର୍ତ୍ତୁଳାକାର ପ୍ରକ୍ରିୟା ସହ ଗ୍ରହୀତାଙ୍କ ମତାମତର ବର୍ଣ୍ଣନା ରହିଛି । ଶାନନ୍ - ୱିଭର ମଡ଼େଲରେ ଯୋଗାଯୋଗ ବ୍ୟବସ୍ଥା ଏକତରଫା ଯେଉଁଥିରେ ଯୋଗାଯୋଗ ପ୍ରକ୍ରିୟାରେ ବିଭ୍ରାଟ ବା ଦ୍ୱନ୍ଦ୍ୱ ବିଷୟ ଉଲ୍ଲେଖ କରାଯାଇଛି । ୱେଷ୍ଟଲେ ଏଣ୍ଡ ମ୍ୟାକଲିନ୍ ମଡ଼େଲ ଦୁଇତରଫା ଯୋଗଯୋଗବିଶିଷ୍ଟ ଏବଂ ପ୍ରଥମ ଥର ପାଇଁ ଏଥିରେ ଯୋଗାଯୋଗ ପ୍ରକ୍ରିୟାର ଗୁରୁତ୍ୱପୂର୍ଣ୍ଣ ଉପାଦାନ 'ଲିନିୟର ଫିଡ଼ବ୍ୟାକ୍' ବିଷୟ ଉଲ୍ଲେଖ କରାଯାଇଛି । ଡି ଫ୍ଲେଲ୍ୟୁର ଏହି ଦୁଇ ମଡ଼େଲର ମିଶ୍ରଣରେ ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲ ପ୍ରସ୍ତୁତ କରିଛନ୍ତି ।




ଚିତ୍ର : ୩.୩: ଡି ଫ୍ଲେଲ୍ୟୁର ମଡ଼େଲ ଗଣଯୋଗାଯୋଗ ବ୍ୟବସ୍ଥା

ଗଣମାଧ୍ୟମ ବ୍ୟବସ୍ଥା, ସୂତ୍ର, ପ୍ରେରକ, ମାଧ୍ୟମ, ପ୍ରାପକ, ଲକ୍ଷ୍ୟସ୍ଥଳୀ, ବିଭ୍ରାଟ ବା ଦ୍ୱନ୍ଦ୍ୱ, ମତାମତ ବ୍ୟବସ୍ଥା

## ୩.୫.୨ ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲର ତତ୍ତ୍ୱ

ମେଲଭିନ୍ ଲରେନ୍ସ ଡି ଫ୍ଲେଲ୍ୟୁର କେବଳ ଗଣମାଧ୍ୟମ ବ୍ୟବସ୍ଥା ସଂଯୋଜିତ କରି ଶାନନ୍ - ୱିଭର ଯୋଗାଯୋଗ ମଡ଼େଲର ସଂପ୍ରସାରଣ କରିଛନ୍ତି । ତାଙ୍କ ମତରେ ଯୋଗାଯୋଗ ପ୍ରକ୍ରିୟା ବର୍ତ୍ତୁଳାକାର ଏବଂ ସମ୍ଭବତଃ ଦୁଇତରଫା ମତାମତବିଶିଷ୍ଟ । ସମଗ୍ର ଯୋଗାଯୋଗ ପ୍ରକ୍ରିୟାରେ ବିଭ୍ରାଟ ଯେକୌଣସି ସ୍ତରରେ ଘଟିପାରେ। ଡି ଫ୍ଲେଲ୍ୟୁର ସୂତ୍ର, ପ୍ରେରକ, ପ୍ରାପକଙ୍କୁ ଗଣ ଯୋଗାଯୋଗ ପ୍ରକ୍ରିୟାରେ ସ୍ୱତନ୍ତ୍ର ପର୍ଯ୍ୟାୟଭୁକ୍ତ କରିଛନ୍ତି ।

ଡି ଫ୍ଲେଲ୍ୟୁର କୁହନ୍ତି ତାଙ୍କ ମଡ଼େଲ ଏକ 'ମତାମତ ବ୍ୟବସ୍ଥା' । ଏହି ମତାମତ ବ୍ୟବସ୍ଥା ଲକ୍ଷ୍ୟଧାର୍ଯ୍ୟ ଶ୍ରୋତା ବା ଦର୍ଶକ ବିଶ୍ଳେଷଣରେ ସହାୟକ ହୋଇଥାଏ । ଏଠାରେ ସମସ୍ତ ଗ୍ରହୀତା ବା ପ୍ରାପକଙ୍କୁ ଲକ୍ଷ୍ୟଧାର୍ଯ୍ୟ ଦର୍ଶକ ଭାବେ ଗ୍ରହଣ କରାଯାଏ ନାହିଁ । କାରଣ ଲକ୍ଷ୍ୟଧାର୍ଯ୍ୟ ଦର୍ଶକ କିଛି ନା କିଛି ମତାମତ ପ୍ରଦାନ କରିଥାନ୍ତି ଯାହା 'ମତାମତ ବ୍ୟବସ୍ଥା' ବ୍ୟବହାର କରି ଲକ୍ଷ୍ୟଧାର୍ଯ୍ୟ ଦର୍ଶକ ଚିହ୍ନଟରେ ସହାୟକ ହୋଇଥାଏ ।

ଡି ଫ୍ଲେଲ୍ୟୁର ମଡ଼େଲର ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା ଏହା ଦୁଇତରଫା ଯୋଗାଯୋଗ ପ୍ରକ୍ରିୟା । ପ୍ରଥମ ଥର ନିମନ୍ତେ ଏହି ମଡ଼େଲରେ ଯୋଗାଯୋଗ ପ୍ରକ୍ରିୟା ପାଇଁ ଦୁଇତରଫା ମତାମତ ଓ ଲକ୍ଷ୍ୟଧାର୍ଯ୍ୟ ଦର୍ଶକ ପ୍ରଚଳନ କରାଗଲା ।

ଡି ଫ୍ଲେଲ୍ୟୁରଙ୍କ ମଡ଼େଲକୁ ବିଜ୍ଞାପନ କାର୍ଯ୍ୟକାରିତା ବୋଲି ବର୍ଣ୍ଣନା କରାଯାଇପାରେ । ଏକ ନିର୍ଦ୍ଦିଷ୍ଟ ସାମଗ୍ରୀ ବିକ୍ରୟ ନିମନ୍ତେ ବିଜ୍ଞାପନର ବାର୍ତ୍ତା ଗ୍ରାହକଙ୍କୁ ଲକ୍ଷ୍ୟ ରଖି ବିଜ୍ଞାପନ ଫିଲ୍ମ ଭାବେ ଏନ୍‌କୋଡ଼ କରାଯାଇଥାଏ। ପରେ ଏହାକୁ ଗଣଯୋଯୋଗ ମାଧ୍ୟମରେ ପ୍ରସାରଣ କରାଯାଇଥାଏ । ଅନ୍ୟ ପାର୍ଶ୍ୱର ଗ୍ରହୀତା (ଟିଭି ବା ରେଡ଼ିଓ) ସୂଚନାକୁ ବାର୍ତ୍ତା ରୂପରେ ଡିକୋଡ଼ କରି ଲକ୍ଷ୍ୟ ସ୍ଥଳ (ଲକ୍ଷ୍ୟଧାର୍ଯ୍ୟ ଦର୍ଶକ ବା ଶ୍ରୋତା)ରେ ପହଞ୍ଚାଇଥାଏ ।

ଏହାପରେ ମତାମତ ଆସେ, ଯାହା ମଧ୍ୟ ଏକ ବାର୍ତ୍ତା - ସୂଚନାର ସୂତ୍ର ଭାବେ କାର୍ଯ୍ୟ କରିଥାଏ । ବାର୍ତ୍ତା ବିଜ୍ଞାପନ କଂପାନୀ ନିକଟକୁ ଫେରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରୁହେ । ଏଠାରେ ବର୍ତ୍ତୁଳାକାର ବା ଦୁଇତରଫା ଯୋଗାଯୋଗ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ । ଜନସାଧାରଣ ପ୍ରେରକ ହୋଇପାରନ୍ତି ଏବଂ ମତାମତ ବ୍ୟବସ୍ଥା ଉପଯୋଗ କରି ସେମାନଙ୍କୁ ସୂଚିତ କରାଯାଇଥିବା ବିଷୟ ଉପରେ ମତାମତ ଦେଇଥାନ୍ତି । ସାମାଜିକ ନେଟୱର୍କ, ମୁଦ୍ରିତ ଗଣମାଧ୍ୟମ, ଟେଲିଫୋନ ବା ଇ-ମେଲ ମତାମତ ଉପକରଣ ହୋଇପାରେ । କଂପାନୀ ଏହି ମତାମତର ପ୍ରାପକ ହୋଇଥାନ୍ତି ଏବଂ ଜନସାଧାରଣ କଣ ବୁଝିଲେ ତାହା ଜାଣିପାରନ୍ତି ।

ଏହି ମତାମତ ଦ୍ୱାରା କଂପାନୀ ଜାଣିପାରେ ସେମାନଙ୍କ ପ୍ରେରିତ ବାର୍ତ୍ତା ଲକ୍ଷ୍ୟଧାର୍ଯ୍ୟ ଦର୍ଶକଙ୍କୁ ଛୁଇଁପାରିଛି କି ନାହିଁ । ନଚେତ୍ ସେମାନେ ଏହି ବାର୍ତ୍ତାରେ ପରିବର୍ତ୍ତନ ଆଣି ପୁଣି ଥରେ ଯୋଗାଯୋଗ ପ୍ରକ୍ରିୟାରେ ଜଡ଼ିତ ହୁଅନ୍ତି।

## ୩.୫.୩ ଶାନନ୍ - ୱିଭର ମଡ଼େଲ ସହ ତୁଳନା

ଏହି ଦୁଇ ମଡ଼େଲ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ଶାନନ୍ - ୱିଭର ଯୋଗାଯୋଗ ମଡ଼େଲ ହେଉଛି ଏକତରଫା ଯୋଗାଯୋଗବିଶିଷ୍ଟ । ଡି ଫ୍ଲେୟୁର ମଡ଼େଲ ମଧ୍ୟ ଏକତରଫାରୁ ଆରମ୍ଭ ହୋଇ ଦୁଇତରଫା ଯୋଗାଯୋଗକୁ ଗତି କରିଛି । ଉଭୟ ମଡ଼େଲରେ ସୂଚନା ସୂତ୍ର, ପ୍ରେରକ, ମାଧ୍ୟମ, ମାର୍ଗ, ପ୍ରାପକ, ଲକ୍ଷ୍ୟସ୍ଥଳୀ, ବିଭ୍ରାଟ ବା ଦ୍ୱନ୍ଦ୍ୱ ଉତ୍ସ ରହିଛି । ଉଭୟ ଯୋଗାଯୋଗ ମଡ଼େଲରେ ଏହି ଉପାଦାନଗୁଡ଼ିକର କାର୍ଯ୍ୟ ସମାନ । ସୂଚନାର ସୂତ୍ର ଯେକୌଣସି ହୋଇପାରେ । ମନୁଷ୍ୟ, ପଶୁ, ଗଛ, ମେସିନ, ଉପକରଣ ସୂଚନାର ସୂତ୍ର ହୋଇପାରେ। ଏଥିରୁ ସଂଗୃହୀତ ସୂଚନା ଏକ ଜାଣିବା ପ୍ରକ୍ରିୟା । ଗୋଟିଏ ଯୋଗାଯୋଗ ପ୍ରକ୍ରିୟା ପ୍ରେରକ ଓ ପ୍ରାପକଙ୍କ ମଧ୍ୟରେ ଘଟିଥାଏ । ଏଥିରେ ବାର୍ତ୍ତା ଏକ ମାଧ୍ୟମ ଜରିଆରେ ପ୍ରେରଣ କରାଯାଇଥାଏ । ଫଳରେ ମାଧ୍ୟମ ମଧ୍ୟ ଯେକୌଣସି ହୋଇପାରେ ।

ଉଭୟ ମଡ଼େଲ ଯୋଗାଯୋଗ ପ୍ରକ୍ରିୟାରେ ବିଭ୍ରାଟ ବା ନଏଜ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହି ବିଭ୍ରାଟ ଯେକୌଣସି ଶାରୀରିକ ବା ମନସ୍ତାତ୍ତ୍ୱିକ ବିଶୃଙ୍ଖଳା ହୋଇପାରେ । ଏହା ଯୋଗାଯୋଗ ପ୍ରକ୍ରିୟାରୁ ପ୍ରେରକ ଓ ପ୍ରାପକଙ୍କୁ ବିଚ୍ୟୁତି କରାଇଥାଏ । ମତାମତ ସଂଗ୍ରହ ପରେ ଯାଇ ଯୋଗାଯୋଗ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଥାଏ । ପ୍ରତ୍ୟେକ ବାର୍ତ୍ତା ଏକ ଉଦ୍ଦେଶ୍ୟ ରଖି ପ୍ରେରଣ କରାଯାଇଥାଏ ଏବଂ ଏହା ଆବଶ୍ୟକତା ପୂରଣ କରେ । ଉଭୟ ମଡ଼େଲରେ ଅନ୍ତଃବ୍ୟକ୍ତି ଯୋଗାଯୋଗକୁ ଗୁରୁତ୍ୱ ଦିଆଯାଇଛି ।

ଡି ଫ୍ଲେୟୁର ମଡ଼େଲ ଦୁଇତରଫା ଯୋଗାଯୋଗ ହୋଇଥିବାବେଳେ ଶାନନ୍ - ୱିଭର ଯୋଗାଯୋଗ ମଡ଼େଲ ହେଉଛି ଏକତରଫା ଯୋଗାଯୋଗ ଓ ଲିନିୟର ଭିତ୍ତିକ । ଡି ଫ୍ଲେୟୁର ମଡ଼େଲରେ ଦୁଇତରଫା ମତାମତ ଓ ଲକ୍ଷ୍ୟଧାର୍ଯ୍ୟ ଦର୍ଶକ ପ୍ରଚଳନ ହୋଇଛି । ଶାନନ୍ - ୱିଭର ମଡ଼େଲର ପରିସମାପ୍ତି ଲକ୍ଷ୍ୟଠାରେ ଘଟିଛି କିନ୍ତୁ ଡି ଫ୍ଲେୟୁର ମଡ଼େଲ ଏଠାରେ ସମାପ୍ତ ହୋଇ ନାହିଁ । ଡି ଫ୍ଲେୟୁରଙ୍କ ମଡ଼େଲରେ ଯୋଗାଯୋଗରେ ମତାମତ ଗ୍ରହଣ ପ୍ରକ୍ରିୟା ରହିଛି । ଏଠାରେ ପ୍ରାପକ ମତାମତ ବ୍ୟବସ୍ଥା ଜରିଆରେ ମତାମତ ପ୍ରେରଣ କରିବା ସମୟରେ ପ୍ରେରକ ହୋଇଥାନ୍ତି । ମତାମତ ବ୍ୟବସ୍ଥା ନିଜେ ଏକ ଯୋଗାଯୋଗ ମାଧ୍ୟମ । ଏହାଦ୍ୱାରା ମତାମତ ଗ୍ରହଣ କରି ପ୍ରାରମ୍ଭିକ

ପ୍ରେରକ ପ୍ରାପକ ହୋଇଥାଏ । ତେଣୁ ବର୍ତ୍ତୁଳାକାର ପ୍ରକ୍ରିୟା ଶାନନ୍ - ୱିଭର ଯୋଗାଯୋଗ ମଡ଼େଲରେ ନଥିବାବେଳେ ଡି ଫ୍ଲେର୍ଯୁର ମଡ଼େଲରେ ରହିଛି ।

## ୩.୬ ଏଲିହୁ କାଜ୍ ଓ ପଲ୍ ଲାଜାରଫେଲ୍ଡଙ୍କ ଗଣଯୋଗାଯୋଗର ଦୁଇ ସୋପାନ ଫ୍ଲୋ ବା ପ୍ରବାହ ତତ୍ତ୍ୱ

ଆମେରିକୀୟ ସମାଜ ବିଜ୍ଞାନୀ ପଲ୍ ଲାଜାରଫେଲ୍ଡ, ବର୍ଣ୍ଣାଡ଼ ବେରେଲସନ ଓ ହାଜେଲ୍ ଗୌଡ଼େଟ ନିଜ ପୁସ୍ତକ 'ଦି ପିପୁଲସ୍ ଚଏଚ୍ : ହାଓ ଦି ଭୋଟର ମେକ ଅପ ହିଜ୍ ମାଇଣ୍ଡ ଇନ ଏ ପ୍ରେସିଡ଼େଣ୍ଟସିଆଲ କ୍ୟାମ୍ପେନ'ରେ ଯୋଗାଯୋଗର ଦୁଇ ସୋପାନ ପ୍ରବାହ ତତ୍ତ୍ୱ ପ୍ରଚଳନ କରିଥିଲେ ।

ସେମାନଙ୍କ ଗବେଷଣାର ଉଦ୍ଦେଶ୍ୟ ଥିଲା ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଏହା କିପରି ପ୍ରଭାବିତ କରିଥାଏ ତାହା ଜାଣିବା । ଭୋଟରଙ୍କ ମତଦାନକୁ ଗଣମାଧ୍ୟମ ବାର୍ତ୍ତା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରେ କି ନାହିଁ ସେ ସଂପର୍କରେ ଜାଣିବା ପାଇଁ ସେମାନେ ଉଦ୍ୟମ କରିଥିଲେ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ସେମାନେ ଜାଣିବାକୁ ପାଇଲେ ଯେ ଗଣମାଧ୍ୟମ ଯଥା ରେଡ଼ିଓ ବା ସମ୍ବାଦପତ୍ର ବାର୍ତ୍ତା ଭୋଟରଙ୍କୁ ସବୁଠାରୁ କମ୍ ପ୍ରଭାବିତ କରିଥାଏ । ଅଣଆନୁଷ୍ଠାନିକ ବାର୍ତ୍ତା ଓ ବ୍ୟକ୍ତିଗତ ଯୋଗାଯୋଗ ଭୋଟରଙ୍କ ଆଚରଣକୁ ଅଧିକ ପ୍ରଭାବିତ କରିଥାଏ । ଏହି ଗବେଷଣାଲବ୍ଧ ତଥ୍ୟ ଭିତ୍ତିରେ ଏଲିହୁ କାଜ୍ ଓ ପଲ୍ ଲାଜାରଫେଲ୍ଡଙ୍କ ଗଣଯୋଗାଯୋଗର ଦୁଇ ସୋପାନ ଫ୍ଲୋ ବା ପ୍ରବାହ ତତ୍ତ୍ୱର ବିକାଶ କରିଥିଲେ ।

ଚିତ୍ର : ୩:୪ : ଦୁଇ ସୋପାନ ଫ୍ଲୋ ବା ପ୍ରବାହ ମଡ଼େଲ




ଗଣମାଧ୍ୟମ : ମତାମତ ସୃଷ୍ଟିକାରୀ, ଜନମତ ସୃଷ୍ଟିକାରୀଙ୍କ ସହ ବ୍ୟକ୍ତିଗତ ସାମାଜିକ ଯୋଗାଯୋଗ

## ୩.୬.୧ ଜନମତ ସୃଷ୍ଟିକାରୀଙ୍କ ଚିନ୍ତାଧାରା

ଜନମତ ସୃଷ୍ଟିକାରୀ ହେଉଛନ୍ତି ଏକ ଗୋଷ୍ଠୀର ମୁଖ୍ୟ ଯିଏ ଗୋଷ୍ଠୀର ସ୍ୱଳ୍ପ ସକ୍ରିୟ ଥିବା ସଦସ୍ୟଙ୍କୁ ସୂଚନା ଓ ପୁଙ୍ଖାନୁପୁଙ୍ଖ ବାର୍ତ୍ତା ପ୍ରଦାନ କରିଥାନ୍ତି । କାର୍ଯ୍ୟାଳୟରେ ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି ଜନମତ ସୃଷ୍ଟିକାରୀ ଏବଂ ସାର୍ବଜନୀନ କ୍ଷେତ୍ରରେ ରାଜନୈତିକ ନେତା ହେଉଛନ୍ତି ଜନମତ ସୃଷ୍ଟିକାରୀ । ଏମାନେ ନିଜ ଗୋଷ୍ଠୀ ପାଇଁ ସୂଚନାର ବାଖ୍ୟା କରିଥାନ୍ତି ।

ସାର୍ବଜନୀନ କ୍ଷେତ୍ରରେ ରାଜନୈତିକ ନେତା ଜନମତ ସୃଷ୍ଟିକାରୀ । ସାଧାରଣତଃ ଜନତାଙ୍କଠାରୁ ଦୂରେଇ ରହୁଥିବା ବ୍ୟକ୍ତିଙ୍କୁ ଜନମତ ସୃଷ୍ଟିକାରୀ ଭାବେ ଜନତା ଗ୍ରହଣ କରିନଥାନ୍ତି ।

କାଜ୍ ଓ ପଲ୍‌ଙ୍କ ମତରେ 'ଟିଭି ଓ ରେଡ଼ିଓ ଜରିଆରେ ଗଣମାଧ୍ୟମ ବାର୍ତ୍ତା ଜନମତ ସୃଷ୍ଟିକାରୀଙ୍କ ନିକଟରେ ପହଞ୍ଚିଥାଏ । ଜନମତ ସୃଷ୍ଟିକାରୀ ଏହି ବାର୍ତ୍ତାକୁ ସ୍ୱଳ୍ପ ସକ୍ରିୟ ଥିବା ଜନତାଙ୍କ ନିକଟରେ ନେଇ ପହଞ୍ଚାଇଥାନ୍ତି ।' କେତେକ କ୍ଷେତ୍ରରେ ଜନମତ ସୃଷ୍ଟିକାରୀ ନିଜ ବିଶ୍ୱାସ ଦୃଷ୍ଟିକୋଣରୁ ମୂଳ ବିଷୟବସ୍ତୁରୁ କେତେକ ବିଷୟ ବାଦ ଦେଇଥାନ୍ତି । ଜନମତ ସୃଷ୍ଟିକାରୀଙ୍କୁ ମୁଖ୍ୟତଃ ମନୋନୀତ କରାଯାଇଥାଏ ଏବଂ ସେମାନେ ଗୋଷ୍ଠୀ (ସ୍ୱଳ୍ପ ଗଣମାଧ୍ୟମ ଉପଯୋଗ କରୁଥିବା ବ୍ୟକ୍ତିବିଶେଷ, ଗରିବ, ଶ୍ରମିକ, ପ୍ରତ୍ୟକ୍ଷ ସୂଚନା ପାଇଁ ବ୍ୟୟ କରିବାକୁ ଅସମର୍ଥ) ମଧ୍ୟରେ ବାର୍ତ୍ତା ସଂଚରଣ କରିଥାନ୍ତି ।

କେବଳ ଏକ ସୁଗଠିତ ସାମାଜିକ ଗୋଷ୍ଠୀ ମଧ୍ୟରେ ଜନମତ ସୃଷ୍ଟିକାରୀଙ୍କ ସ୍ୱର ପ୍ରଭାବଶାଳୀ ହୋଇଥାଏ। ବ୍ୟକ୍ତିଗତ ସ୍ତରରେ ଏହି ସ୍ୱର ପ୍ରଭାବଶାଳୀ ହୋଇପାରେ ନାହିଁ ।

## ୩.୬.୨ ଦୁଇ ସୋପାନ ଫ୍ଲୋ ବା ପ୍ରବାହ ମଡ଼େଲର ସମାଲୋଚକ

ପ୍ରାରମ୍ଭିକ ଅବସ୍ଥାରେ ଗଣମାଧ୍ୟମର ସୂଚନା ପୂର୍ଣ୍ଣାଙ୍ଗ ଭାବେ ସିଧାସଳଖ ଜନସାଧାରଣଙ୍କ ନିକଟରେ ପହଞ୍ଚୁଥିଲା ବୋଲି ଗବେଷକମାନେ କେତେକ ତଥ୍ୟରୁ ଜାଣିବାକୁ ପାଇଛନ୍ତି । ଦୁଇ ସୋପାନ ତତ୍ତ୍ୱରେ ସୂଚନା ପ୍ରବାହଜନିତ ସଚେତନତା ସଂପର୍କରେ ଯଥେଷ୍ଟ ଭାବେ ବର୍ଣ୍ଣନା କରାଯାଇ ନାହିଁ । ୧୯୪୦ ମସିହା ନିର୍ବାଚନୀ ଅନୁଧ୍ୟାନରେ ଲାଜାରଫେଲ୍ଡ ଓ ତାଙ୍କ ସହଯୋଗୀ ନିର୍ଦ୍ଦିଷ୍ଟ ଭାବେ ପ୍ରବାହର ପ୍ରଭାବ ନିର୍ଦ୍ଧାରଣ କରିବାରେ ଅସମର୍ଥ ହୋଇଛନ୍ତି । ତେବେ ବର୍ତ୍ତମାନର ଅଧିକାଂଶ ବିଜ୍ଞାପନ ଗବେଷଣା ଏହି ତତ୍ତ୍ୱ ଭିତ୍ତିରେ ହୋଇଥାଏ ।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ବର୍ଲୋଙ୍କ ଏସ୍ଏମସିଆର ଯୋଗାଯୋଗ ମଡ଼େଲ ବର୍ଣ୍ଣନା କର ?

୨) ବର୍ଲୋଙ୍କ ଏସ୍ଏମସିଆର ଯୋଗାଯୋଗ ମଡ଼େଲର ବିଭିନ୍ନ ଉପାଦାନଗୁଡ଼ିକ କ'ଣ ?

୩) ବର୍ଲୋଙ୍କ ଏସ୍ଏମସିଆର ଯୋଗାଯୋଗ ମଡ଼େଲର ସୀମିତତା କ'ଣ ?

୪) ଶାନନ୍ - ୱିଭର ଯୋଗଯୋଗ ମଡ଼େଲ ବର୍ଣ୍ଣନା କର ?

୫) ଶାନନ୍ - ୱିଭର ମଡ଼େଲର ସୀମିତତା କଣ ?

୬) ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲ ସଂପର୍କରେ ସଂକ୍ଷିପ୍ତ ବିବରଣୀ ଦିଅ ?

୭) ଡି ଫ୍ଲେଲ୍ୟୁର ଯୋଗାଯୋଗ ମଡ଼େଲ ଓ ଶାନନ୍ - ୱିଭର ଯୋଗଯୋଗ ମଡ଼େଲର ତୁଳନାତ୍ମକ ବିବରଣୀ ପ୍ରଦାନ କର ?

୮) ଦୁଇ ସୋପାନ ଫ୍ଲୋ ବା ପ୍ରବାହ ମଡ଼େଲ କହିଲେ କଣ ବୁଝ ଏବଂ ଏଥିରେ ଜନମତ ସୃଷ୍ଟିକାରୀ ଚିନ୍ତାଧାରା କିପରି ଭାବେ ବ୍ୟବହାର କରାଯାଇଛି ?

# ଚତୁର୍ଥ ଏକକ : ଅନ୍ୟାନ୍ୟ ମଡ଼େଲ: ନିୟୁକମ୍ବ, ୱେଷ୍ଟଲି ଓ ମ୍ୟାକ୍‌ନଲି, କନଭର୍ଜେଜେନ୍‌ସ, ହେଲିକାଲ, ଏନ୍‌କୋଡ଼ିଂ- ଡିକୋଡ଼ିଂ, ରିଚ୍ୟୁଆଲ, ପ୍ରଚାର

**ବିଷୟ ଗଠନ:**


୪.୧ **ପଠନର ଉଦ୍ଦେଶ୍ୟ**

୪.୨ ଉପକ୍ରମ

୪.୩ ନିୟୁକମ୍ବଙ୍କ 'ଏବିଏକ୍ସ' ଯୋଗାଯୋଗ ମଡ଼େଲ

    ୪.୩.୧ ନିୟୁକମ୍ବ ମଡ଼େଲ ଚିନ୍ତାଧାରା

    ୪.୪ ୱେଷ୍ଟଲି ଓ ମ୍ୟାକ୍‌ନଲି ଯୋଗାଯୋଗ ମଡ଼େଲ

    ୪.୪.୧ ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ ଉପାଦାନ

    ୪.୪.୨ ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ

    ୪.୪.୩ ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ ଉପଯୋଗିତା

    ୪.୪.୪ ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ ସମସ୍ୟା

୪.୫ ଏକୀକୃତ ଯୋଗାଯୋଗ ମଡ଼େଲ

    ୪.୫.୧ ମଡ଼େଲର ମୁଖ୍ୟ ଉପାଦାନ

୪.୬ ହେଲିକାଲ ଯୋଗାଯୋଗ ମଡ଼େଲ

    ୪.୬.୧ ହେଲିକାଲ ଯୋଗାଯୋଗ ମଡ଼େଲ ଚିନ୍ତାଧାରା

    ୪.୬.୨ ହେଲିକାଲ ଯୋଗାଯୋଗ ମଡ଼େଲ ଉପଯୋଗିତା

    ୪.୬.୩ ହେଲିକାଲ ଯୋଗାଯୋଗ ମଡ଼େଲ ସମସ୍ୟା

୪.୭ ଏନ୍‌କୋଡ଼ିଂ ଓ ଡିକୋଡ଼ିଂ ମଡ଼େଲ

୪.୮ ରିଚ୍ୟୁଆଲ ବା ଏକ୍ସପ୍ରେସିଭ ମଡ଼େଲ

୪.୯ ପ୍ରଚାର ମଡ଼େଲ

୪.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୧୧ ଆଦର୍ଶ ପ୍ରଶ୍ନାବଳୀ ଓ ଉତ୍ତର

୪.୧୨ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଠନ ସମାପ୍ତ ପରେ ଆମେ ନିୟୁକମ୍ବ, ଓ୍ୱେଷ୍ଟଲି ଓ ମ୍ୟାକ୍‌ନଲି, କିନ୍‌କେଡ଼ ଓ ଡ୍ୟାନ୍‌ସ ଯୋଗାଯୋଗ ମଡ଼େଲ ସଂପର୍କରେ ଅଗଗତ ହୋଇପାରିବା । ମଡ଼େଲ ଗୁଡ଼ିକର ପୃଷ୍ଠଭୂମିରେ ଥିବା ଚିନ୍ତାଧାରା ଓ ଉପଯୋଗିତା ସଂପର୍କରେ ଏହି ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।

## ୪.୨ ଉପକ୍ରମ

ନିୟୁକମ୍ବଙ୍କ 'ଏବିଏକ୍ସ' ଯୋଗାଯୋଗ ମଡ଼େଲରେ କେତେ ଆଗ୍ରହପ୍ରଦ ବିଷୟ ବର୍ଣ୍ଣନା କରାଯାଇଛି। ନିୟୁକମ୍ବଙ୍କ ମଡ଼େଲରେ ଆଭ୍ୟନ୍ତରିଣ ସଂପର୍କ ଅନ୍ତଃନିର୍ଭରଶୀଳ ବୋଲି ଉଲ୍ଲେଖ କରାଯାଇଛି । ଏଠି 'ଏ' ପ୍ରେରକ ବା ଯୋଗାଯୋଗାକାରୀ, 'ବି' ଗ୍ରହୀତା ବା ପ୍ରାପକ, 'ଏକ୍ସ' ସାମାଜିକ ପରିସ୍ଥିତି । ଓ୍ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ ହେଉଛି ଥିଓଡ଼ୋର ନିୟୁକମ୍ବଙ୍କ ମଡ଼େଲର ସଂପ୍ରସାରଣ । ଏହି ମଡ଼େଲକୁ ନିର୍ଦ୍ଦିଷ୍ଟ ଭାବେ ଗଣମାଧ୍ୟମ ପାଇଁ ଗ୍ରହଣ କରାଯାଇଥାଏ । ଏହି ମଡ଼େଲରେ 'ଗେଟ୍‌କିପର' ବା ଜଗୁଆଳି ଶବ୍ଦ ବ୍ୟବହାର କରାଯାଇଛି । ଏହି ଅଧ୍ୟାୟରେ ଆମେ କିନ୍‌କେଡଙ୍କ ଏକୀକୃତ ଓ ଡ୍ୟାନ୍‌ସଙ୍କ ହେଲିକାଲ ଯୋଗାଯୋଗ ମଡ଼େଲ ସଂପର୍କରେ ମଧ ଅଧୟନ କରିବା ।

## ୪.୩ ନିୟୁକମ୍ବଙ୍କ 'ଏବିଏକ୍ସ' ଯୋଗାଯୋଗ ମଡ଼େଲ

ଯୋଗାଯୋଗ ପ୍ରକ୍ରିୟାରେ ନିୟୁକମ୍ବ ଏକ ନୂଆ ଆଭିମୁଖ୍ୟ ଗ୍ରହଣ କରିଥିଲେ । ସାମାଜିକ ସଂପର୍କରେ ବା ସମାଜରେ ଯୋଗଯୋଗର ଭୂମିକା, ସାମାଜିକ ବ୍ୟବସ୍ଥାରେ ସାମାଜିକ ସହବସ୍ଥାନ ରକ୍ଷା ନିୟୁକମ୍ବ ମଡ଼େଲର ମୁଖ୍ୟ ଉଦ୍ଦେଶ୍ୟ । ଯୋଗାଯୋଗ କ୍ଷେତ୍ରରେ ସେ ଏକ ନୂଆ ସାମାଜିକ ଆଭିମୁଖ୍ୟ ଗ୍ରହଣ କରିଥିଲେ, ଯାହାକୁ 'ଏବିଏକ୍ସ' ବ୍ୟବସ୍ଥା ବା ପରବର୍ତ୍ତୀ ସମୟରେ ନିୟୁକମ୍ବ ମଡ଼େଲ କୁହାଗଲା ।




**The Newcomb's Model**

ଚିତ୍ର : ୪:୧

## ୪.୪ ୱେଷ୍ଟଲି ଓ ମ୍ୟାକ୍‌ନଲି ଯୋଗାଯୋଗ ମଡ଼େଲ

୧୯୫୭ ମସିହାରେ ବ୍ରୁସ୍ ୱେଷ୍ଟଲି ଓ ମାଲକମ୍ ଏସ୍ ମ୍ୟାକଲିନ ଜୁନିୟର ଏକ ମଡ଼େଲ ପ୍ରଣୟନ କରିଥିଲେ । ଏହା ନିୟୁକମ୍ବ ମଡ଼େଲରୁ ଆନୀତ ଯେଉଁଥିରେ ଦୁଇତରଫା ଯୋଗାଯୋଗରେ ସହଅଭ୍ୟସ୍ତ ବା ଏକତ୍ର ଅଭ୍ୟସ୍ତ ପ୍ରତି ଗୁରୁତ୍ୱ ଦିଆଯାଇଛି । ଏଥିରେ ଲିଓ୍ୱିନ୍‌ସ ମଡ଼େଲର କେତେକ ଚିନ୍ତାଧାରା ମଧ୍ୟ ରହିଛି । ହେଲିକାଲଙ୍କ ମଡ଼େଲ ପରି  ଜଣେ ବ୍ୟକ୍ତି କହିବା ଆରମ୍ଭ କରିବା ସହ ଯୋଗାଯୋଗ ଆରମ୍ଭ ହୋଇନଥାଏ ବୋଲି  ଏହା କହିଥାଏ । ନିଜ ଚତୁଃପାର୍ଶ୍ୱରେ ଥିବା କିଛି ବିଷୟ ପ୍ରତି ଯେତେବେଳେ ଜଣେ ପ୍ରତିକ୍ରିୟା ପ୍ରକାଶ କରେ ସେତେବେଳେ ଯୋଗାଯୋଗ ଆରମ୍ଭ ହୋଇଥାଏ । ପ୍ରଥମେ ବ୍ୟକ୍ତି ନିଜ ପରିବେଶରୁ ବାର୍ତ୍ତା ଗ୍ରହଣ କରିବା ଆବଶ୍ୟକ । ଏହାପରେ ବିଷୟ ସହ ସେହି ଅନୁଯାୟୀ ପ୍ରତିକ୍ରିୟା ପ୍ରକାଶ କରିବା ଆବଶ୍ୟକ ।

ୱେଷ୍ଟଲି ଓ ମ୍ୟାକଲିନ ମଡ଼େଲ ଦୁଇଟି ପ୍ରସଙ୍ଗରେ ପ୍ରୟୋଗ କରାଯାଇପାରିବ । ଗୋଟିଏ ହେଲା ଅନ୍ତଃବ୍ୟକ୍ତି ଓ ଅନ୍ୟଟି ହେଲା ଗଣଯୋଗାଯୋଗ । ଏଠି ପ୍ରଭେଦର ବିନ୍ଦୁ ହେଲା ମତାମତ ବା ଫିଡ଼ବ୍ୟାକ୍ । ଅନ୍ତଃବ୍ୟକ୍ତି ଯୋଗାଯୋଗରେ ମତାମତ ପ୍ରତ୍ୟକ୍ଷ ଓ ତ୍ୱରିତ ଏବଂ ଗଣଯୋଗାଯୋଗରେ ମତାମତ ପରୋକ୍ଷ ଏବଂ ମନ୍ଥର । ଏହି ମଡ଼େଲ  ଉଦ୍ଦେଶ୍ୟ ଓ ଉଦ୍ଦେଶ୍ୟହୀନ ବାର୍ତ୍ତାକୁ ବାଛିପାରେ ।




ଚିତ୍ର : ୪.୩ : ୱେଷ୍ଟଲି ଓ ମ୍ୟାକଲିନ ଯୋଗାଯୋଗ ମଡ଼େଲ

## ୪.୪.୧ ଓ୍ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ ଉପାଦାନ

ଏହି ମଡ଼େଲର ଯୋଗାଯୋଗ ପାଇଁ ପ୍ରମୁଖ ଉପାଦାନଗୁଡ଼ିକ ହେଲା :

- ସୂତ୍ର : (ଏ) : ସୂତ୍ର ହେଉଛି ବାର୍ତ୍ତା ସୃଷ୍ଟିକାରୀ ବା ପ୍ରେରକ
- ପରିବେଶ (ଏକ୍ସ) : ପରିବେଶ ହେଉଛି ଭୌତିକ ଓ ମନସ୍ତାତ୍ତ୍ୱିକ ପରିସ୍ଥିତି ଯେଉଁଠାରେ ବାର୍ତ୍ତା ସୃଷ୍ଟି ହୋଇ ପ୍ରେରଣ ହୋଇଥାଏ ।
- ଇନ୍ଦ୍ରିୟ ଅନୁଭୂତି (ଏକ୍ସ୧ .... ) : ସୂତ୍ର ପ୍ରଥମେ ଦେଖିବା ହେଉଛି ଉନ୍ଦ୍ରିୟ ଅନୁଭୂତି । ଏହା ଦ୍ୱାରା ବାର୍ତ୍ତାର ସୂଚନା ପାଇଁ ସୂତ୍ର ଏକ ଚିନ୍ତାଧାରା ପାଇପାରେ ।
- ଅଭ୍ୟନ୍ତର ବିଷୟ (ଏକ୍ସ୧,ଏକ୍ସ୨ .... ) : ବ୍ୟକ୍ତି ସାମାଜିକ ଓ ସଂସ୍କୃତିକ ବାସ୍ତବତା ସହ କେତେ ଅଭ୍ୟସ୍ତ ତାହା ଅଭ୍ୟନ୍ତର ବିଷୟ ସୂଚିତ କରିଥାଏ । ଏହି ବାସ୍ତବତା ଅତୀତ ଶିକ୍ଷା ଓ ଅଭିଜ୍ଞତାରୁ ମିଳିଥାଏ ।
- ବାର୍ତ୍ତା ବାଖ୍ୟା ବା କୋଡ଼ିଂ (ଏକ୍ସ' ) : ବାର୍ତ୍ତା ଗ୍ରହୀତା ବା ପ୍ରାପକର ଅଭ୍ୟସ୍ତ ବିଷୟ ସହ ବାର୍ତ୍ତା ବାଖ୍ୟା କରାଯାଇଥାଏ ।
- ପ୍ରାପକ ବା ଗ୍ରହୀତା (ବି) : ସୂତ୍ରରୁ ପଠାଯାଇଥିବା ବାର୍ତ୍ତା ଯିଏ ଗ୍ରହଣ କରେ ଏବଂ ନିଜ ଅଭ୍ୟସ୍ତ ବିଷୟ ଅନୁଯାୟୀ ବାଖ୍ୟା କରୁଥିବା ବ୍ୟକ୍ତି ।
- ଗ୍ରହୀତାଙ୍କ ଅଭ୍ୟନ୍ତର ବିଷୟ (ଏକ୍ସ, ବି) : ଗ୍ରହୀତାଙ୍କ ମତାମତ ଓ ଚିନ୍ତାଧାରା ଅଥବା ବା ନିଜ ଅଭ୍ୟସ୍ତ ବିଷୟର ସାମାଜିକ ବାସ୍ତବତା । ଏହି ପରି ଭାବେ ଗ୍ରହୀତା ବାର୍ତ୍ତା ବାଖ୍ୟା କରିଥାଏ ।
- ମତାମତ ବା ଫିଡ୍‌ବ୍ୟାକ୍ (ଏଫ) : ବାର୍ତ୍ତା ବାଖ୍ୟା କରିସାରିବା ପରେ ଗ୍ରହୀତା ଅନ୍ୟ ଏକ ବାର୍ତ୍ତା ପ୍ରସ୍ତୁତ କରି ପ୍ରେରକଙ୍କ ନିକଟକୁ ପଠାଇଥାନ୍ତି । ଏହାକୁ ମତାମତ କୁହାଯାଏ ।
- ଜଗୁଆଳି ବା ଗେଟ୍‌କିପର (ସି) : ଗଣ ଯୋଗଯୋଗରେ ଜଗୁଆଳି ରହିଥାନ୍ତି । ଜଗୁଆଳି ହେଉଛନ୍ତି ସଂପାଦକ ଯିଏ ଅନୁଷ୍ଠାନ ଓ ଦର୍ଶକଙ୍କ ବା ଶ୍ରୋତାଙ୍କ ଆବଶ୍ୟକତାକୁ ଦେଖି ବାର୍ତ୍ତା ମନୋନୀତ କରିଥାନ୍ତି ।
- ଜନମତ ସୃଷ୍ଟିକାରୀ : ଜନମତ ସୃଷ୍ଟିକାରୀ ହେଉଛନ୍ତି ଜଣାସୁଣା ଓ ପରିଚିତ ବ୍ୟକ୍ତି ଯେଉଁମାନେ ଜନମତକୁ ପ୍ରଭାବିତ କରିଥାନ୍ତି ।

## ୪.୪.୨ ଓ୍ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ

ନିଜ ପରିବେଶକୁ ଦେଖି ସୂତ୍ର ବାର୍ତ୍ତା ପ୍ରସ୍ତୁତ କରିବା ସହ ଓ୍ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲର ଯୋଗାଯୋଗ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ନିଜ ଅଭ୍ୟନ୍ତର ବିଷୟ ସହ ଇନ୍ଦ୍ରିୟ ଅନୁଭବର ପ୍ରତିକ୍ରିୟା ସ୍ୱରୂପ ଯୋଗାଯୋଗକାରୀ ବାର୍ତ୍ତା ପ୍ରସ୍ତୁତ କରିଥାନ୍ତି । ଏହାପରେ ପରିବେଶଗତ ପ୍ରତିକ୍ରିୟାକୁ ବାଖ୍ୟା କରି ପ୍ରତିକ୍ରିୟା କୋଡ଼ିଂ କରାଯାଇଥାଏ। କୋଡ଼ିଂ ହୋଇଥିବା ବାର୍ତ୍ତା ଦ୍ୱିତୀୟ ଗ୍ରହୀତାଙ୍କ ନିକଟକୁ ପ୍ରେରଣ କରାଯାଇଥାଏ, ଯିଏ ଅଭ୍ୟସ୍ତ ବିଷୟ ଅନୁଯାୟୀ ଭିନ୍ନ ଭାବେ ବାର୍ତ୍ତାର ବାଖ୍ୟା କରି ପ୍ରେରକଙ୍କୁ ମତାମତ ପ୍ରଦାନ କରିଥାନ୍ତି ।

ଜଗୁଆଳି ଓ ଜନମତ ସୃଷ୍ଟିକାରୀ ଗଣ ଯୋଗାଯୋଗର ଅଂଶ ସ୍ୱରୂପ । ଏମାନେ ହେଉଛନ୍ତି ସଂପାଦକ ବା ପେଶାଦାର । କେଉଁ ବାର୍ତ୍ତା ପ୍ରକାଶ କରାଯିବା ଉଚିତ୍ ତାହା ସେମାନେ ମନୋନୀତ କରିବା ସହ ଦର୍ଶକଙ୍କ ଉପରେ ଏହାର ପ୍ରଭାବ ସଂପର୍କରେ ମଧ ନଜର ରଖିଥାନ୍ତି । ବାର୍ତ୍ତା ମନୋନୟନ ଅନେକ ଗୁଡ଼ିଏ ବିଷୟ ଉପରେ ନିର୍ଭରଶୀଳ ।

ଜଗୁଆଳି କାର୍ଯ୍ୟ ଏକାଧିକ ସ୍ତରରେ ହୋଇଥାଏ :

୧) ବ୍ୟକ୍ତିଗତ ସ୍ତର : ବ୍ୟକ୍ତିର ଲିଙ୍ଗଭେଦ, ଯୌନ ଆଭିମୁଖ୍ୟ, ସଂସ୍କୃତି, ପସନ୍ଦ, ଅପସନ୍ଦ ଆଦି ।

୨) ନିୟମିତ ଅଭ୍ୟାସ ସ୍ତର : ନିର୍ଦ୍ଦିଷ୍ଟ କର୍ମ ପାଇଁ ପୂର୍ବ ନିର୍ଦ୍ଧାରିତ ପ୍ରଥା ଓ ନିୟମାବଳୀ ।

୩) ଯୋଗାଯୋଗ ସଂସ୍ଥା : ପ୍ରକାଶନୀ ସଂସ୍ଥାର ନିୟମାବଳୀ ।

୪) ସାମାଜିକ ପ୍ରତିଷ୍ଠାନ : ଯେଉଁ ସାମାଜିକ ବ୍ୟବସ୍ଥାରେ ବାର୍ତ୍ତାର ସୃଷ୍ଟି ।

୫) ସାମାଜିକ ସ୍ତର : ସାମାଜିକ ମୂଲ୍ୟବୋଧ, ନିୟମାବଳୀ, ବିଶ୍ୱାସ, ବୀଧିବ୍ୟବସ୍ଥା ଆଦି ।

## ୪.୪.୩ ଓ୍ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ ଉପଯୋଗିତା

ନିମ୍ନରେ ଏହି ଯୋଗାଯୋଗ ମଡ଼େଲର ଉପଯୋଗିତା ପ୍ରଦାନ କରାଗଲା :

୧) ଏଥିରେ ମତାମତ ଚିନ୍ତାଧାରା ରହିଛି ।

୨) ପରିବେଶରୁ ବାର୍ତ୍ତାର ଉତ୍ପତି ଘଟୁଥିବାରୁ ବାର୍ତ୍ତା ସୃଷ୍ଟିରେ ଇନ୍ଦ୍ରିୟ ଉନ୍ନତି ଘଟାଇଥାଏ ।

୩) ଅଭ୍ୟସ୍ତ ବିଷୟରେ ସାମାଜିକ ଉପାଦାନ ରହିଥାଏ ।

୪) ଅନ୍ତଃବ୍ୟକ୍ତି, ଗୋଷ୍ଠୀ ଯୋଗାଯୋଗ ଓ ଗଣଯୋଗାଯୋଗରେ ଏହି ମଡ଼େଲ ପ୍ରୟୋଗ କରାଯିପାରିବ ।

୫) ଏହି ମଡ଼େଲ ବର୍ଣ୍ଣନାତ୍ମକ ।

## ୪.୪.୪ ଓ୍ୱେଷ୍ଟଲି ଓ ମ୍ୟାକ୍‌ନଲି ମଡ଼େଲ ସମସ୍ୟା

୧) ଏକ ସରଳ ଯୋଗାଯୋଗ ପାଇଁ ଏକାଧିକ ବିବିଧତା ରହିଛି ଯାହା ମଡ଼େଲକୁ ଅଧିକ ଜଟିଳ କରିଥାଏ

୨) ଏହି ମଡ଼େଲଟି ଦ୍ୱୈତ ପରିମେୟବିଶିଷ୍ଟ, ଏହା ବହୁବାର୍ତ୍ତା ବା ଜଟିଳ ବାର୍ତ୍ତା ସଂକ୍ରାନ୍ତ ଯୋଗାଯୋଗ ସହ ଜଡ଼ିତ୍ ହୋଇପାରେ ନାହିଁ ।

୩) ପ୍ରେରକ ନିକଟରୁ ପ୍ରାପକ ନିକଟକୁ ପ୍ରେରିତ କରାଯିବା ସମୟରେ ବିଭ୍ରାଟ କାରଣରୁ ଏହି ସୂଚନା ପରିବର୍ତ୍ତିତ ହୋଇଯାଇପାରେ । ଯୋଗାଯୋଗଜନିତ ଏହି ବିଭ୍ରାଟ ପାଇଁ ମଡ଼େଲ ଉତ୍ତରଦାୟୀ ରୁହେ ନାହିଁ ।

୪) ନୀରବ, ପୁନରାବୃତି ଓ ସମୟ ତୁଳନାରେ ଅସଂଲଗ୍ନ ବାର୍ତ୍ତା ପ୍ରତି ଅଧିକ ଗୁରୁତ୍ୱ ।

୫) ବୋଧଗମ୍ୟ, ବୁଝାମଣା ଓ ମିଳିତ କାର୍ଯ୍ୟାନ୍ୱୟନ ତୁଳନାରେ ମନାଇବା ପ୍ରତି ଅଧିକ ଗୁରୁତ୍ୱ ।

୬) ସଂପର୍କ ତୁଳନାରେ ବ୍ୟକ୍ତି ପ୍ରତି ଗୁରୁତ୍ୱ ।

୭) ପାରସ୍ପରିକ କାରଣତ୍ୱ ତୁଳନାରେ ମଡ଼େଲର ଏକତରଫା ଯାନ୍ତ୍ରିକ କାରଣତ୍ୱ ବ୍ୟବସ୍ଥା ।

## ୪.୬ ହେଲିକାଲ ଯୋଗାଯୋଗ ମଡ଼େଲ




ଚିତ୍ର : ୪.୫

କୁଣ୍ଡଳି ଦ୍ୱାରା ଅନୁପ୍ରେରିତ ହୋଇ ୧୯୬୭ ମସିହାରେ ଫ୍ରାଙ୍କ ଡ୍ୟାନ୍‌ସ ଏକ ମଡ଼େଲ ପ୍ରଣୟନ କରିଥିଲେ, ଯାହା ହେଲିକାଲ ଯୋଗାଯୋଗ ମଡ଼େଲ ଭାବେ ପରିଚିତ । ଏକ କୁଣ୍ଡଳି ହେଉଛି ତିନି ପରିମେୟ ସିଲିଣ୍ଡର ବା କୋନ ଆକୃତିର ସ୍ପ୍ରିଙ୍ଗ ପରି ବକ୍ର । ଯୋଗାଯୋଗ ବିବର୍ତ୍ତନରେ ହେଲିକ୍ସକୁ ମଣିଷର ଜନ୍ମ ଠାରୁ ସାଂପ୍ରତିକ ଅବସ୍ଥା ପର୍ଯ୍ୟନ୍ତ ତୁଳନା କରାଯାଇପାରେ । ହେଲିକାଲ ମଡ଼େଲ ଯୋଗାଯୋଗ କ୍ଷେତ୍ରରେ ଜ୍ୟାମିତିକ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ଏହି ମଡ଼େଲ ଏକକ ଭାବେ ଲିନିୟର ବା ଗୋଲାକାର ନୁହେଁ । କିନ୍ତୁ ଲିନିୟର ଓ ଗୋଲାକାରର ଏହା ଏକ ସମିଶ୍ରଣ ।

### ୪.୬.୧ ହେଲିକାଲ ଯୋଗାଯୋଗ ମଡ଼େଲ ଚିନ୍ତାଧାରା

ଯୋଗାଯୋଗ ପ୍ରକ୍ରିୟାରେ ଧାରାବାହିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହେଲିକାଲ ଯୋଗାଯୋଗ ମଡ଼େଲରେ ଏଥିପାଇଁ ସମୟ ଚିନ୍ତାଧାରା ପ୍ରଚଳନ କରାଯାଇଛି । ହେଲିକାଲ ଯୋଗାଯୋଗ ମଡ଼େଲରେ ଯୋଗାଯୋଗକୁ ଗତିଶୀଳ ଭାବେ ଗ୍ରହଣ କରାଯାଇଛି । ବୟସ ସହ ଭାବନା ଓ ଅଭିଜ୍ଞତା ତାଳ ଦେଇ ଚାଲିବା ପରି ହେଲିକାଲ ଯୋଗାଯୋଗ ମଡ଼େଲ ମଧ୍ୟ ସେହି ଅନୁଯାୟୀ ଗତିଶୀଳ ହୋଇଥାଏ ।

ହେଲିକାଲ ବା କୁଣ୍ଡଳାକର ସ୍ପ୍ରିଙ୍ଗ ପ୍ରଥମେ ନିମ୍ନ ଭାଗରୁ କ୍ଷୁଦ୍ର ଆକାରରେ ଆରମ୍ଭ ହୋଇ ଯୋଗାଯୋଗ ଅଗ୍ରଗତି ସହ ବୃଦ୍ଧି ପାଇଚାଲେ । ମଣିଷ ଯୋଗାଯୋଗରେ ମଧ୍ୟ ତାହା ଦେଖାଯାଇଥାଏ । ଜଣେ ବ୍ୟକ୍ତି ସଂପର୍କରେ ପ୍ରଥମେ କିଛି ଜଣାନଥାଏ । ତେବେ ଧୀରେ ଧୀରେ ବ୍ୟକ୍ତି ସଂପର୍କରେ ଜାଣିବା ସହ ତତ୍‌ସଂକ୍ରାନ୍ତ ଜ୍ଞାନ ବୃଦ୍ଧି ପାଇଥାଏ । ଏହା ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟକ୍ତିର ସମସ୍ତ କାର୍ଯ୍ୟକଳାପକୁ ବିଚାରକୁ ନେଇଥାଏ ।

ଯେଉଁ ବକ୍ର ଦ୍ୱାରା ଉତ୍ପତି ଲାଭ କରିଥାଏ ସେହି ବକ୍ର ଦ୍ୱାରା ଯୋଗାଯୋଗ ପ୍ରଭାବିତ ହୋଇଥାଏ । ଏହା ଅତୀତ ଆଚରଣ ଓ ଅଭିଜ୍ଞତାକୁ ସୂଚିତ କରିଥାଏ । ଧୀରେ ଧୀରେ ଆଚରଣର ନିମ୍ନ ସ୍ତର ପରିହାରକ କରି କୁଣ୍ଡଳି ନୂତନ ମାର୍ଗରେ ଊର୍ଦ୍ଧ୍ୱମୁଖୀ ଅଭିବୃଦ୍ଧିଶୀଳ ହୋଇଥାଏ । ଏଠାରେ ବାର୍ତ୍ତା ସୃଷ୍ଟି ସର୍ବଦା ନିମ୍ନ ସ୍ତର ଉପରେ ନିର୍ଭର କରିଥାଏ । ଏହାଫଳରେ ଯୋଗାଯୋଗ ସଂପର୍କ ପରବର୍ତ୍ତୀ ସ୍ତରରେ ପହଞ୍ଚିଥାଏ ଯଦ୍ୱାରା ଜନସାଧାରଣ ଅଧିକ ସୂଚନା ବିନିମୟ କରିପାରିଥାନ୍ତି ।

ଯୋଗାଯୋଗ ନିରନ୍ତର ତଥା ଅପୁନରାବୃତ୍ତି ହେବା ଆବଶ୍ୟକ । ଏହା ସର୍ବଦା ଅଭିବୃଦ୍ଧିଶୀଳ ତଥା ସଂଚୟଶୀଳ ।




ଚିତ୍ର : ୪.୬

- ଶିଶୁ / ଯୋଗାଯୋଗ ସୃଷ୍ଟି
- କିଛି ବର୍ଷ ପରେ / ଯୋଗାଯୋଗ ଜାରି
- ବହୁ ବର୍ଷ ପରେ / ଯୋଗାଯୋଗ ଜାରି ରହିବା ସହ ବୃଦ୍ଧି ପାଏ ଏବଂ ଅତୀତ ଅଭିଜ୍ଞତା ଉପରେ ନିର୍ଭର କରେ
- ସାଂପ୍ରତିକ ଅବସ୍ଥା / ପରିବର୍ତ୍ତନ ସହ ଯୋଗାଯୋଗ ଜାରି ।

<u>ହେଲିକାଲ ଯୋଗାଯୋଗ ମଡ଼େଲର ଉଦାହରଣ</u> :

ଜନ୍ମ ସମୟରେ ଶିଶୁଟିର କ୍ରନ୍ଦନ ପିତାମାତାଙ୍କୁ ଯୋଗାଯୋଗ ସଂପର୍କରେ ସୂଚିତ କରିଥାଏ । କିଛି ବର୍ଷ ପରେ ପିଲାଟି କାନ୍ଦେ, ଯେତେବେଳେ ସେ ଖାଦ୍ୟ ବା ଅନ୍ୟ କିଛି ଆବଶ୍ୟକ କରେ । ଏହାପରେ ପିଲାଟି ଖଣ୍ଡି ଶବ୍ଦରେ ଯୋଗାଯୋଗ କରିବାକୁ ଚାହେଁ । କ୍ରମଶଃ ଅଗ୍ରଗତି ଘଟିବା ସହ ପିଲାଟି ନିର୍ଦ୍ଦିଷ୍ଟ ଭାଷା ଶିକ୍ଷାଲାଭ କରି ଏହା ଜରିଆରେ ଭାଷା ଜାଣିଥିବା ବ୍ୟକ୍ତି ସହ ଯୋଗାଯୋଗ କରିଥାଏ । ଶିଶୁଟି ଯୁବକରେ ପରିଣତ ହୋଇ ବର୍ତ୍ତମାନ ପର୍ଯ୍ୟାୟକୁ ଆସିବା ବେଳକୁ ଯୋଗାଯୋଗ ଅଧିକ ଜଟିଳ ହୋଇଥାଏ । ଶିଶୁ ଅବସ୍ଥାରେ ସେ ଯାହା

ଶିକ୍ଷା ଲାଭ କରିଥିଲା ଯୁବକ ସମୟରେ ସେ ସେହି ଶବ୍ଦ ବ୍ୟବହାର କରିବା ସହ ଏହା ଉଚ୍ଚାରଣ କଲା । ତା ମୁଖମଣ୍ଡଳରେ ଭାବଭଙ୍ଗୀ ପ୍ରକାଶ ପାଇଲା । ଶିଶୁ ଅବସ୍ଥାରେ ତା ଅତୀତ ଆଚରଣ ଉପରେ ଯୋଗାଯୋଗ ପ୍ରତ୍ୟକ୍ଷ ଭାବେ ନିର୍ଭର କରିଥାଏ । କିନ୍ତୁ ବୟସ ବୃଦ୍ଧି ସହ ଏଥିରେ ପରିବର୍ତ୍ତନ ଘଟିଥାଏ ।

ଏଠାରେ ଶିଶୁ କ୍ରନ୍ଦନ କରିବାଠାରୁ ଯୋଗାଯୋଗର ଉଦ୍ଭବ ଘଟେ । ଏହି କାରଣରୁ କୁଣ୍ଡଳି ନିମ୍ନ ଅଂଶ କ୍ଷୁଦ୍ର ହୋଇଥାଏ । ଯୋଗାଯୋଗ ଜାରି ରହିବା ସହ କୁଣ୍ଡଳି କ୍ରମଶଃ ବୃଦ୍ଧି ପାଇଥାଏ । ଯେତେବେଳେ ଯୋଗାଯୋଗ ଅଧିକ ଜଟିଳ ହୁଏ କୁଣ୍ଡଳୀ ଚଉଡ଼ା ହୋଇଥାଏ । ଏହିଠାରୁ ଏହାର କ୍ରମଶଃ ବୃଦ୍ଧି ଘଟିଚାଲେ ।

## ୪.୬.୨ ହେଲିକାଲ ଯୋଗାଯୋଗ ମଡ୍ରେଲ ଉପଯୋଗିତା

୧) ଏହି ମଡ୍ରେଲରେ ପ୍ରେରକ ଓ ପ୍ରାପକ ଅନ୍ତଃବିନିମୟଶୀଳ ଓ ଯୋଗାଯୋଗ ପ୍ରକ୍ରିୟାକୁ ଦୁଇତରଫା ହୋଇଥାଏ।

୨) ମଡ୍ରେଲରେ ଯୋଗାଯୋଗ ପ୍ରକ୍ରିୟା ଅନୁମାନଶୀଳ ଓ ବୈଦ୍ଧିକ ।

## ୪.୬.୩ ହେଲିକାଲ ଯୋଗାଯୋଗ ମଡ୍ରେଲ ସମସ୍ୟା

୧) ଆବଶ୍ୟକତାଠାରୁ ଏହି ମଡ୍ରେଲ ଅଧିକ ସରଳ ।

୨) ଏଥିରେ ଖୁବ୍ କମ୍ ବିବିଧତା ଥିବାରୁ ଅନେକ ସମାଲୋଚକ ଏହାକୁ ମଡ୍ରେଲ ଭାବେ ଗ୍ରହଣ କରିନଥାନ୍ତି ।

୩) ଏହା ସଂକ୍ଷିପ୍ତ ହୋଇଥିବାରୁ ପରୀକ୍ଷଣଯୋଗ୍ୟ ନୁହେଁ ।

୪) ଏହା ପଦ୍ଧତିଗତ ଓ ଶୃଙ୍ଖଳିତ ନୁହେଁ ।

୫) ମଡ୍ରେଲରେ ବିବିଧତା ଚିହ୍ନଟ କରି ହୁଏନାହିଁ ।

୬) ଯୋଗାଯୋଗ ପାଇଁ ଧାରାବାହିକତା ସର୍ବଦା ସତ୍ୟ ହୋଇନପାରେ । ପରିସ୍ଥିତିରେ ବିଘ୍ନ ଆସିପାରେ ଓ ଘଟଣା ମୂଲ୍ୟହୀନ ତଥା ଅଣଉତ୍ପାଦକ ହୋଇପାରେ ।

# ୪.୭ ଏନ୍‌କୋଡ଼ିଂ ଓ ଡିକୋଡ଼ିଂ ମଡ୍ରେଲ

ଏନ୍‌କୋଡ଼ିଂ ଡିକୋଡ଼ିଂ ଯୋଗାଯୋଗ ମଡ୍ରେଲ ଏକ ଅଭ୍ୟର୍ଥନା ତତ୍ତ୍ୱ ଭାବେ ପରିଗଣିତ । ସଂସ୍କୃତି ଗବେଷକ ତଥା ବିଦ୍ୱାନ ଷ୍ଟୁଆର୍ଟ ହଲ ୧୯୭୩ ମସିହାରେ ଏହି ମଡ୍ରେଲର ବିକାଶ କରିଥିଲେ । ଏହାର ଶୀର୍ଷକ ରଖାଯାଇଥିଲା 'ଏନକୋଡ଼ିଂ ଏଣ୍ଡ ଡିକୋଡ଼ିଂ ଇନ୍ ଦି ଟେଲିଭିଜନ ଡିସକୋର୍ସ' । ହଲ୍‌ଙ୍କ ନିବନ୍ଧରୁ ଗଣମାଧ୍ୟମ ବାର୍ତ୍ତାର ଉତ୍ପତି, ପ୍ରସାରଣ ଓ ବାଖ୍ୟାର ତତ୍ତ୍ୱଗତ ଆଭିମୁଖ୍ୟ ମିଳିପାରିଥାଏ ।

ଏନକୋଡ଼ି ଅର୍ଥ ହେଉଛି ବାର୍ତ୍ତା ସୃଷ୍ଟି । ସାଙ୍କେତିକ ଅର୍ଥରେ ଏହା ଏକ ବ୍ୟବସ୍ଥା । ଏହା କରିବାକୁ ହେଲେ ଦର୍ଶକଙ୍କ ନିମନ୍ତେ ଶବ୍ଦ କିପରି ସଂକ୍ଷିପ୍ତ ହୋଇପାରିବ ତାହା ପ୍ରଥମେ ପ୍ରେରକଙ୍କୁ ବୁଝିବାକୁ ପଡ଼ିବ । ଏନ୍‌କୋଡ଼ିଂ ପ୍ରକ୍ରିୟାରେ ପ୍ରେରକ (ଏନକୋଡ଼ର) ମୌଖିକ (ଶବ୍ଦ, ସଙ୍କେତ, ଛବି, ଭିଡ଼ିଓ) ଓ ଅଣମୌଖିକ (ଶରୀର ଭଙ୍ଗୀ,

ହସ୍ତ ସଙ୍କେତ, ମୁଖ ଭଙ୍ଗୀ ଆଦି) ସଙ୍କେତ ବ୍ୟବହାର କରି ଏହାର ପ୍ରାପକ (ଡିକୋଡ଼ର) ବୁଝିପାରନ୍ତି ବୋଲି ବିଶ୍ୱାସ କରିଥାନ୍ତି । ଏହି ସଙ୍କେତ ମଧ୍ୟରେ ଶବ୍ଦ, ସଂଖ୍ୟା, ଛବି, ଭଙ୍ଗୀ ଓ ମୁଖ ପରିପ୍ରକାଶ ଆଦି ଅନ୍ତର୍ଭୁକ୍ତ।

ବାର୍ତ୍ତାକୁ ଦର୍ଶକ ବୁଝିପାରି ବାଖ୍ୟା କରିପାରିବା ହେଉଛି ବାର୍ତ୍ତା ଡିକୋଡ଼ିଂ । ଏହି ପ୍ରକ୍ରିୟାରେ ସାଙ୍କେତିକ ସୂଚନାକୁ ସଂକ୍ଷିପ୍ତ ଭାବେ ବାଖ୍ୟା ଓ ଅନୁବାଦ କରାଯାଇଥାଏ । ଦର୍ଶକ ସଂକେତର ଭାବାର୍ଥ କରି ଏହାର ବାଖ୍ୟା କରିବା ସହ ସାମଗ୍ରୀକ ଭାବେ ବାର୍ତ୍ତାର ଚିନ୍ତାଧାରାକୁ ଏକ ରୂପ ପ୍ରଦାନ କରିଥାନ୍ତି । ବାର୍ତ୍ତା ଗ୍ରହଣ କରାଯିବା ପରେ ଲକ୍ଷ୍ୟଧାର୍ଯ୍ୟ ଦ୍ୱାରା ବୋଧଗମ୍ୟ ହୋଇପାରିଲେ ଏହାକୁ ଫଳପ୍ରଦ ଯୋଗାଯୋଗ ବୋଲି କୁହାଯାଇଥାଏ । ତେବେ ଏକଥା ମଧ୍ୟ ସମ୍ଭବ ଯେ, ବେଳେବେଳେ ପ୍ରେରକ ବା ଏନକୋଡ଼ର ଯେଉଁ ଭାବ ସହ ବାର୍ତ୍ତା ପ୍ରେରଣ କରିଥାନ୍ତି ପ୍ରାପକ ବା ଡିକୋଡ଼ର ଅନୁରୂପ ଭାବେ ତାହା ନବୁଝି ଏକ ସଂପୂର୍ଣ୍ଣ ଭିନ୍ନ ଭାବରେ ବୁଝିଥାନ୍ତି । ସମାନ ଚିନ୍ତାଧାରା ବା ତାଳମେଳ ଅଭାବରୁ ଯୋଗାଯୋଗ ସମୟରେ ଦୁଇ ପକ୍ଷ ମଧ୍ୟରେ ଏକ୍ଷେତ୍ରରେ ଅବୁଝାମଣା ଓ ବିଭ୍ରାନ୍ତି ସୃଷ୍ଟି ହୋଇଥାଏ ।

ନିଜ ନିବନ୍ଧରେ ହଲ ଦୁଇ ଯୋଗାଯୋଗ ମଡ଼େଲର ତୁଳନା କରିଛନ୍ତି । ପାରମ୍ପରିକ ମଡ଼େଲ ଦୀର୍ଘତା - (ପ୍ରେରକ - ବାର୍ତ୍ତା - ପ୍ରାପକ -) ପାଇଁ ସମାଲୋଚିତ ହୋଇଛି । ଏଥିସହ ଏହି ମଡ଼େଲରେ ବିଭିନ୍ନ ମୁହୂର୍ତ୍ତର ଗାଠନିକ ଚିନ୍ତାଧାରା ନାହିଁ ଯଦ୍ୱାରା ଏକ ଜଟିଳ ଗଠନ ରୂପାୟନ ହୋଇପାରେ ନାହିଁ । ଏଥିସହ ଯୋଗାଯୋଗ ପ୍ରକ୍ରିୟାରେ ଲେଖକ ଅଧିକ କିଛି ଚିନ୍ତାଧାରା ସଂଲଗ୍ନ କରିଛନ୍ତି । ସେହି ଅନୁଯାୟୀ ଚାରି ସୋପାନବିଶିଷ୍ଟ ଯୋଗାଯୋଗ ପ୍ରକ୍ରିୟାର ପରିକଳ୍ପନା କରାଯାଇଛି । ସେଗୁଡ଼ିକ ହେଲା ଉତ୍ପାଦନ, ବିତରଣ, ବ୍ୟବହାର ଓ ପୁନଃଉତ୍ପାଦନ । ପ୍ରତ୍ୟେକ ସୋପାନ ନିଜେ ସ୍ୱାଧୀନ ରହି ପରବର୍ତ୍ତୀ ସୋପାନକୁ ନିର୍ଦ୍ଧାରିତ କରିବାରେ ସାହାଯ୍ୟ କରିଥାଏ ଯାହା ନିମ୍ନରେ ବର୍ଣ୍ଣନା କରାଯାଇଛି । ଏହି ସମସ୍ତ ସୋପାନ ସ୍ୱାଧୀନ ଓ ପରସ୍ପର ନିର୍ଭରଶୀଳ ସେ ଦର୍ଶାଇଛନ୍ତି ଯାହା ପାରମ୍ପରିକ ପ୍ରେରକ, ପ୍ରାପକ ଦୀର୍ଘତା ଆଭିମୁଖ୍ୟର ବିଷମ ଅଟେ ।

୧) ଉତ୍ପାଦନ : ଉତ୍ପାଦନରୁ ହିଁ ଏନକୋଡ଼ିଂ ବା ବାର୍ତ୍ତା ଗଠନ ଆରମ୍ଭ ହୋଇଥାଏ । ଉତ୍ପାଦନ ପ୍ରକ୍ରିୟାର ନିଜସ୍ୱ ଏକ ଦିଗ ରହିଥାଏ । ବାର୍ତ୍ତା ସୃଷ୍ଟିକାରୀ ସମାଜର ବିଶ୍ୱାସ ଓ ମୂଲ୍ୟବୋଧ ଉପଯୋଗ କରିଥାଏ । ଉତ୍ପାଦନ ପ୍ରକ୍ରିୟାରେ ଏକାଧିକ ଉପାଦାନ ସଂଶ୍ଳିଷ୍ଟ । ଏଗୁଡ଼ିକ ହେଉଛି ଉତ୍ପାଦନ ପାଇଁ ଜ୍ଞାନ, ବୈଷୟିକ ଦକ୍ଷତା, ବୃତ୍ତିଗତ ମୂଲ୍ୟବୋଧ, ପ୍ରତିଷ୍ଠାନିକ ଜ୍ଞାନ, ସଂଜ୍ଞା, ଅନୁମାନ, ଦର୍ଶକଙ୍କ କିସମ ଓ ଟେଲିଭିଜନ ଉତ୍ପାଦର ରୂପରେଖ ।

୨) ପ୍ରସାରଣ : ବିଷୟ ଯେଉଁପରି ଭାବେ ପ୍ରସାରିତ ହୁଏ ଦର୍ଶକ ସେହି ଅନୁଯାୟୀ ବାର୍ତ୍ତା ଗ୍ରହଣ କରି ଏହାର ଉପଯୋଗ କରିଥାନ୍ତି । ଫିଲିପ ଏଲିଅଟଙ୍କ ଅନୁଯାୟୀ ଦର୍ଶକ ହେଉଛନ୍ତି ଟେଲିଭିଜନ ବାର୍ତ୍ତାର ଉଭୟ 'ଉତ୍ସ' ଓ 'ପ୍ରାପକ' । ଉଦାହରଣ ସ୍ୱରୂପ ଏକ ଗଣମାଧ୍ୟମ ବାର୍ତ୍ତାର ପ୍ରସାରଣ ଓ ଗ୍ରହଣୀୟତା ଏକାଧିକ 'ମତାମତ' ଜରିଆରେ ବାର୍ତ୍ତା ଉତ୍ପାଦନ ପ୍ରକ୍ରିୟାରେ ସନ୍ନିବେଶିତ ହୋଇଥାଏ ।

୩) ଉପଯୋଗ : ଏକ ବାର୍ତ୍ତା ସଫଳ ରୂପ ନେବା ପାଇଁ ଏହାର ପ୍ରସାରଣ ରୂପରେଖ ଅର୍ଥପୂର୍ଣ୍ଣ ଭାବେ ଏନକୋଡ଼େଡ଼ ବାର୍ତ୍ତା ଭିତ୍ତିରେ ହେବା ଆବଶ୍ୟକ । ଏହାର ଅର୍ଥ ହେଲା ବାର୍ତ୍ତା ଏକ ଅର୍ଥପୂର୍ଣ୍ଣ ଭାଷଣ ହୋଇଥିବା ଆବଶ୍ୟକ ଏବଂ ଏହା ଅର୍ଥପୂର୍ଣ୍ଣ ଭାବେ ଡିକୋଡ଼ ହୋଇଥିବା ଆବଶ୍ୟକ । ତେବେ ଡିକୋଡ଼ିଂ / ବାଖ୍ୟାତ୍ମକ ବାର୍ତ୍ତା ସକ୍ରିୟ ଗ୍ରହୀତା ଚାହିଁଥାଏ ।

୪) ପୁନଃଉତ୍ପାଦନ : ଏହି ପର୍ଯ୍ୟାୟରେ ଅଭିଜ୍ଞତା ଓ ବିଶ୍ୱାସ ଭିତ୍ତିରେ ନିଜ ଅନୁଯାୟୀ ଦର୍ଶକ ସିଧାସଳଖ ବାର୍ତ୍ତା ବାଖ୍ୟା କରିଥାନ୍ତି । ଡିକୋଡ଼େଡ଼ ବାର୍ତ୍ତା ଜଟିଳ ପରିକଳ୍ପନା, ବୋଧଗମ୍ୟ, ଆଦର୍ଶଗତ ବା ଆଚରଣଗତ ହୋଇପାରେ । ପ୍ରଭାବ ଦୃଷ୍ଟିରୁ ଏହା ପ୍ରଭାବିତ, ନିର୍ଦ୍ଦେଶିତ ବା ମନୋରଞ୍ଜନଧର୍ମୀ ହୋଇପାରେ । ବାର୍ତ୍ତା ବାଖ୍ୟା ହୋଇସାରିବା ପରେ ପୁନଃଉତ୍ପାଦନ ପର୍ଯ୍ୟାୟ ଆସିଥାଏ । ଏଇଠି ଦେଖିବାକୁ ପଡ଼େ ଯେ ନିର୍ଦ୍ଦିଷ୍ଟ ବାର୍ତ୍ତାର ପ୍ରଭାବ ଦ୍ୱାରା ବ୍ୟକ୍ତି କିଛି ନା କିଛି ପ୍ରତିକ୍ରିୟା ପ୍ରକାଶ କରିଥାଏ ।




## ୪.୮ ରିଚ୍ୟୁଆଲ ବା ଏକ୍ସପ୍ରେସିଭ ମଡ଼େଲ

ପ୍ରସାରଣ ମଡ଼େଲ କେତେକ ଗଣମାଧ୍ୟମ (ମୁଖ୍ୟତଃ ସାଧାରଣ ଗଣମାଧ୍ୟମ ଓ ବିଜ୍ଞାପନ) କାର୍ଯ୍ୟଧାରାରେ ଯୁକ୍ତିଯୁକ୍ତ ଓ ସାଧାରଣ କ୍ରିୟାନ୍ୱୟନର ପଦ୍ଧତିର ଫଳପ୍ରଦ ପ୍ରତିନିଧିତ୍ୱ କରିଥାଏ । ତେବେ ଅନ୍ୟାନ୍ୟ ବହୁ ଗଣମାଧ୍ୟମ କାର୍ଯ୍ୟଧାରା ଓ ବିବିଧ ଯୋଗାଯୋଗ ପ୍ରକ୍ରିୟାରେ ଏହା ଅସଂପୂର୍ଣ୍ଣ ଓ ବିଭ୍ରାନ୍ତକର ହୋଇଥାଏ । ଏହି ଦୁର୍ବଳତାର ଗୋଟିଏ କାରଣ ହେଲା ପ୍ରସାରଣ କ୍ଷେତ୍ରରେ ଯୋଗାଯୋଗର ସୀମିତତା । ଜେମ୍‌ସ କ୍ୟାରେଙ୍କ ମତରେ ଯୋଗାଯୋଗର ଏହି ମତବାଦଟି ଆମ ସଂସ୍କୃତିରେ ସାଧାରଣ ଅଟେ । ଏହା ପ୍ରେରଣ, ସଂଚରଣ ବା ଅନ୍ୟମାନଙ୍କ ସୂଚନା ବିତରଣ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଏହି ଯୋଗାଯୋଗ ପରିକଳ୍ପନାର କେନ୍ଦ୍ର ହେଲା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ବାର୍ତ୍ତା ବା ସଂକେତର ସଂଚରଣ । ଉପକରଣ, କାରଣ- ପ୍ରଭାବ ସଂପର୍କ, ଏକଦିଶା ପ୍ରବାହ ଏହାର ଆଭାସ ଦେଇଥାଏ । ଯୋଗାଯୋଗର ବିକଳ୍ପ ମତକୁ କ୍ୟାରେ ଫରିଚ୍ୟୁଆଲ' ଭାବେ ନାମିତ କରିଛନ୍ତି । ଅର୍ଥାତ ଯୋଗାଯୋଗ ଅଂଶଗ୍ରହଣ, ବିନିମୟ, ସଂଗଠନ, ସଂପର୍କ ଓ ସାଧାରଣ ବିଶ୍ୱାସ ସହ ସଂଯୋଜିତ । ଶୂନ୍ୟରେ ବାର୍ତ୍ତା ସଂପ୍ରସାରଣ ରିଚ୍ୟୁଆଲ ମତବାଦ ନୁହେଁ । ରିଚ୍ୟୁଆଲ ମତବାଦ ସଠିକ୍ ସମୟରେ ସାମାଜିକ ରକ୍ଷଣାବେକ୍ଷଣ ଓ ମିଳିତ ବିଶ୍ୱାସର ସମର୍ଥନ କରିଥାଏ ।

ଏହି ବିକଳ୍ପକୁ 'ଏକ୍ସପ୍ରେସିଭ' ଯୋଗାଯୋଗ ମଡ଼େଲ ଭାବେ ବିବେଚନା କରାଯାଇଥାଏ । ଏଥିରେ ପ୍ରେରକ ବା ପ୍ରାପକଙ୍କ ସହଜାତ ସନ୍ତୁଷ୍ଟି ପ୍ରତି ଗୁରୁତ୍ୱ ଦିଆଯାଇଥାଏ । ଉପକରଣ ଉଦ୍ଦେଶ୍ୟ ସାଧନ ପାଇଁ ଏଥିରେ ଗୁରୁତ୍ୱ ନଥାଏ । ରିଚ୍ୟୁଆଲ ବା 'ଏକ୍ସପ୍ରେସିଭ' ଯୋଗାଯୋଗ ମିଳିତ ବୁଝାମଣା ଓ ଆବେଗ ଉପରେ ନିର୍ଭରଶୀଳା ଲକ୍ଷ୍ୟରେ ଏହା ଉପଯୋଗକାରୀ ବଦଳରେ ପାଳନକାରୀ, ଉପଭୋଗକାରୀ ( ନିଜ ମଧ୍ୟରେ ବିଲୟଶୀଳ ମଧ୍ୟ) ଓ ଶୋଭାବର୍ଦ୍ଧକାରୀ । ଯୋଗାଯୋଗ ବାସ୍ତବ ରୂପ ନେବା ପାଇଁ ଏହା କାର୍ଯ୍ୟକାରିତାର କିଛି ଉପାଦାନ ଆବଶ୍ୟକ କରିଥାଏ । ଫଳପ୍ରଦ ଉଦ୍ଦେଶ୍ୟ ତୁଳନାରେ ଯୋଗାଯାଗ ଏଠାରେ ଆନନ୍ଦମୟ ଗ୍ରହଣୀୟତା । ଭିତ୍ତିରେ ରିଚ୍ୟୁଆଲ ଯୋଗାଯୋଗର ବାର୍ତ୍ତା ଅସ୍ପଷ୍ଟ ଓ ଅନ୍ତର୍ହିତ । ସାଂସ୍କୃତିକ ସଂଗୋଷ୍ଠୀ ଓ ସଂକେତରୁ ଏହାର ସୃଷ୍ଟି । ବାର୍ତ୍ତା ଓ ମାଧ୍ୟମକୁ ଏଠାରେ ଭିନ୍ନ କରିବା କଷ୍ଟକର । ରିଚ୍ୟୁଆଲ ଯୋଗାଯୋଗ ସମୟବିହୀନ ଓ ଅପରିବର୍ତ୍ତିତ ।

ସ୍ୱାଭାବିଭ ପରିସ୍ଥିତିରେ ରିଚ୍ୟୁଆଲ ଯୋଗାଯୋଗ ଯନ୍ତ୍ରବତ୍ ନୁହେଁ । ସମାଜ ବା ସାମାଜିକ ସଂପର୍କ ପାଇଁ ଏହାର ପରିଣତି ରହିଥିବା କୁହାଯାଏ । ରାଜନୈତିକ ବା ବିଜ୍ଞାପନ ପରି କେତେକ ଯୋଜନାବଦ୍ଧ ଯୋଗାଯୋଗରେ ରିଚ୍ୟୁଆଲ ଯୋଗାଯୋଗ ନୀତିର ମନମୁଖୀ ଉପଯୋଗ (ସଙ୍କେତ ବ୍ୟବହାର, ସାଂସ୍କୃତିକ ମୂଲ୍ୟବୋଧର ଅନ୍ତର୍ହିତ ଆବେଦନ, ଏକତ୍ରୀକରଣ, ପରମ୍ପରା, ଉପାଖ୍ୟାନ) କରାଯାଇଥାଏ । ମାନସିକତା ଓ କାର୍ଯ୍ୟଧାରାକୁ ଏକତ୍ରୀକରଣ ଓ ସଂଗଠିତ କରିବାରେ ରିଚ୍ୟୁଆଲ ଭୂମିକା ନିର୍ବାହ କରିଥାଏ । କଳା, ଧର୍ମ, ସାମାଜିକ ଉତ୍ସବ, ଯାନିଯାତ୍ରାରେ ଏହି ମଡ଼େଲର ଉଦାହରଣ ଦେଖିବାକୁ ମିଳିଥାଏ ।

## ୪.୯ ପ୍ରଚାର ମଡ଼େଲ

ପ୍ରସାରଣ ଓ ରିଚ୍ୟୁଆଲ ମଡ଼େଲ ବ୍ୟତୀତ ଗଣ ଯୋଗାଯୋଗରେ ଅନ୍ୟ ଏକ ତୃତୀୟ ଗୁରୁତ୍ୱପୂର୍ଣ୍ଣ ମଡ଼େଲ ରହିଛି । ଏହାକୁ ସାଧାରଣରେ ପବ୍ଲିସିଟି ମଡ଼େଲ ବା ପ୍ରଚାର ମଡ଼େଲ ଭାବେ ଜଣାଯାଏ । ବହୁ ସମୟରେ ଗଣମାଧ୍ୟମର ଲକ୍ଷ୍ୟ ଏକ ନିର୍ଦ୍ଦିଷ୍ଟ ସୂଚନା ପ୍ରେରଣ ବା ସଂସ୍କୃତି, ବିଶ୍ୱାସ ଓ ମୂଲ୍ୟବୋଧକୁ ନେଇ ଜନତାଙ୍କୁ ଏକତ୍ରିତ କରିବା ପାଇଁ ଦୃଷ୍ଟି ଓ ଶ୍ରବଣ ଶକ୍ତିକୁ ବାନ୍ଧି ରଖିବା ହୋଇଥାଏ । ଏହାଦ୍ୱାରା ଗଣମାଧ୍ୟମ ଏକ ପ୍ରତ୍ୟକ୍ଷ ଆର୍ଥିକ ଲକ୍ଷ୍ୟ ହାସଲ କରିଥାଏ । ଏହା ହେଲା ଦର୍ଶକ ରାଜସ୍ୱ । ବାସ୍ତବ ଅର୍ଥରେ ଦେଖିଲେ ଦୃଷ୍ଟି ଆକର୍ଷଣର ଅର୍ଥ ଉପଯୋଗିତା ହୋଇଥାଏ । ଅପ୍ରତ୍ୟକ୍ଷ ଅର୍ଥରେ ଦେଖିଲେ ଏହାଦ୍ୱାରା ଦର୍ଶକଙ୍କ ଦୃଷ୍ଟିଭଙ୍ଗୀକୁ ବିଜ୍ଞାପନଦାତାକୁ ବିକ୍ରି କରାଯାଇଥାଏ । ଏଲିଅଟଙ୍କ ମତରେ 'ଶୃଙ୍ଖଳିତ ଅର୍ଥ ପ୍ରବାହ' ଦୃଷ୍ଟିରୁ ଏକ ଯୋଗାଯୋଗ ପାଇଁ ଗଣଯୋଗାଯୋଗ ବାଧ୍ୟତ ନୁହେଁ । ଗଣମାଧ୍ୟମ ବ୍ୟବହାରକାରୀ ଅଂଶଗ୍ରହଣକାରୀ ବା ସୂଚନା ଗ୍ରହୀତା ନହୋଇ ମୁଖ୍ୟତଃ ଦର୍ଶକ ହୋଇଥିବାରୁ ଏହା ଏକ ଦୃଷ୍ଟିତନ୍ତ୍ର । ଏଠାରେ ଦୃଷ୍ଟିର ମାନ ତୁଳନାରେ ଦୃଷ୍ଟିର ତଥ୍ୟବଳୀ ଅଧିକ ଗୁରୁତ୍ୱ ପାଇଥାଏ।

ନିଜ ଉଦ୍ଦେଶ୍ୟ ପାଇଁ ଯେଉଁମାନେ ଗଣମାଧ୍ୟମ ଉପଯୋଗ କରନ୍ତି ସେମାନେ ଏହାର ପ୍ରଚାର ଓ ଅଧିକ ଦୃଷ୍ଟି ଆକର୍ଷଣ ଆଶା କରିଥାନ୍ତି । ଏହା ସେମାନଙ୍କର ତତ୍କାଳ ଲକ୍ଷ୍ୟ ହୋଇଥାଏ । ଏଥିରୁ ସେମାନଙ୍କ ସଫଳତା ବା ବିଫଳତା ଚିହ୍ନଟ କରାଯାଇଥାଏ । ଭାବମୂର୍ତ୍ତି ଓ ସଚେତନତା ପ୍ରଶ୍ନକୁ ନେଇ ଗଣମାଧ୍ୟମ ପ୍ରଭାବ ସଂପର୍କରେ ବହୁ ଭଲ ଗବେଷଣା ହୋଇଛି । ଏଠାରେ ଜାଣିଥିବା ତୁଳନାରେ ଜାଣିବା ଅଧିକ ଗୁରୁତ୍ୱ ବହନ କରିଥାଏ । ଦୃଷ୍ଟି

ଆକର୍ଷଣ ପ୍ରକ୍ରିୟାର ଅନ୍ୟତମ ଉଦାହରଣ ହେଲା ରାଜନୈତିକ ଓ ଅନ୍ୟାନ୍ୟ କାର୍ଯ୍ୟଧାରା ସଂପର୍କରେ ଗଣମାଧ୍ୟମର ସମ୍ଭାବ୍ୟ କ୍ଷମତା । ଦୃଷ୍ଟି, ଆବେଗ, ଆଗ୍ରହ ସୃଷ୍ଟି ଆଦି ପ୍ରତି ଏଥିରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଅର୍ଥାତ ଉତ୍ପାଦନ ପାଇଁ ଉପକରଣ ବ୍ୟବହାର ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ଏହାକୁ 'ମିଡ଼ିଆ ଲଜିକ୍' କୁହାଯାଇଥାଏ। ଏଠି ଉପସ୍ଥାପନା ଉପକରଣ ତୁଳନାରେ ବାର୍ତ୍ତା ଉପାଦାନ କମ୍ ଗୁରୁତ୍ୱ ପାଇଥାଏ ।

କିଛି ବ୍ୟକ୍ତି ଗଣମାଧ୍ୟମ ଉପଯୋଗରେ ସମୟ ଅତିବାହିତ କରିବାକୁ ଚାହିଁଥାନ୍ତି । ସେମାନଙ୍କୁ ଦୃଷ୍ଟିରେ ରଖିଲେ ଏହି ଦୃଷ୍ଟି ଆକର୍ଷଣକାରୀ ଲକ୍ଷ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା ଅଟେ । ଦୈନନ୍ଦିନ ବାସ୍ତବତାଠାରୁ ଦୂରେଇ ସେମାନେ 'ଗଣମାଧ୍ୟମ ସହ' ସମୟ ବିତାଇବାକୁ ଚାହିଁଥାନ୍ତି । ପ୍ରଦର୍ଶନକାରୀ ମଡ଼େଲ ଅନୁଯାୟୀ ପ୍ରେରକ ଓ ପ୍ରାପକ ମଧ୍ୟରେ ସଂପର୍କ ନିହାତି ପରୋକ୍ଷ ବା ଅସଂଶ୍ଳିଷ୍ଟ ନୁହେଁ, ନୈତିକ ଦୃଷ୍ଟିକୋଣରୁ ଏହା ନିରପେକ୍ଷ ଓ ନିଜେ ବାର୍ତ୍ତା ସୃଷ୍ଟି ବା ସ୍ଥାନାନ୍ତର କରିନଥାଏ ।

ଯୋଗାଯୋଗକୁ ଯଦି ଏକ ପ୍ରଦର୍ଶନ ବା ଦୃଷ୍ଟିଆକର୍ଷଣକାରୀ ପ୍ରକ୍ରିୟା ଭାବେ ଗ୍ରହଣ କରାଯାଏ ତାହାଲେ ଏଥିରେ ଏପରି କେତେକ ବ୍ୟବସ୍ଥା ରହିଛି ଯାହା ପ୍ରସାରଣ ବା ରିଚ୍ୟୁଆଲ ମଡ଼େଲ କ୍ଷେତ୍ରରେ ପ୍ରୟୋଗ ହୋଇପାରିବ ନାହିଁ ।

- ଦୃଷ୍ଟି ଆକର୍ଷଣ ଏକ ଶୂନ୍ୟ ପ୍ରକ୍ରିୟା । ଗୋଟିଏ ପ୍ରଦର୍ଶନ ପାଇଁ ଦିଆଯାଉଥିବା ସମୟ ଅନ୍ୟକୁ ଦିଆଯାଇପାରିବ ନାହିଁ । ଦର୍ଶକଙ୍କ ସମୟ ଧାର୍ଯ୍ୟ ଅଟେ । ରିଚ୍ୟୁଆଲ ଯୋଗାଯୋଗ ପ୍ରକ୍ରିୟାରେ ଅଂଶଗ୍ରହଣକାରୀଙ୍କ ସନ୍ତୁଷ୍ଟି ବା ସେମାନଙ୍କ ଦ୍ୱାରା କେତେ ଫାଇଦା ହେଲା, 'ଭାବାର୍ଥ' ଦୃଷ୍ଟିରୁ ସେ ପରିମାଣ କୌଣସି ସୀମା ନାହିଁ ।
- ଦୃଷ୍ଟି ଆକର୍ଷଣ ମାଧ୍ୟମ ଯୋଗାଯୋଗ କେବଳ ବର୍ତ୍ତମାନରେ ରହିଥାଏ । ଏଥିରେ ଅତୀତ କିଛି ଅର୍ଥ ରଖେ ନାହିଁ । ବର୍ତ୍ତମାନକୁ ପ୍ରସାରିତ କରିବା ଓ ଜାରି ରଖିବାରେ ଭବିଷ୍ୟତ ସହାୟକ ହୋଇଥାଏ । ଗ୍ରହୀତାଙ୍କ ସଂପର୍କିତ କାରଣ ଓ ପ୍ରଭାବର ପ୍ରଶ୍ନ ନଥାଏ ।
- ଦୃଷ୍ଟି ଆକର୍ଷଣ ନିଜ ମଧ୍ୟରେ ନିଜର ପରିସମାପ୍ତି ଅଟେ । ସ୍ୱଳ୍ପ ମିଆଦୀରେ ଏହା ମୂଲ୍ୟବୋଧ ନିରପେକ୍ଷ ଶୂନ୍ୟ ଭାବାର୍ଥ ବିଶିଷ୍ଟ । ଏଠାରେ ବାର୍ତ୍ତାର ବିଷୟବସ୍ତୁ ତୁଳନାରେ ଆକୃତି ଓ ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ଏହି ତିନି ବ୍ୟବସ୍ଥାଟି ଯଥାକ୍ରମେ ହେଲା ପ୍ରତିଦ୍ୱନ୍ଦ୍ୱିଶୀଳ, ବାସ୍ତବ / କ୍ଷଣିକ ଓ ଉଦ୍ଦେଶ୍ୟଯୁକ୍ତ / ଅସଂପର୍କିତା ବ୍ୟବସାୟିକ ଗଣମାଧ୍ୟମ ପ୍ରତିଷ୍ଠାନରେ ଗଣ ଯୋଗାଯୋଗର ଏହା ଘୋଷିତ ବ୍ୟବସ୍ଥା ।

## ୪.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ନିୟୁକମ୍ବଙ୍କ ଯୋଗାଯୋଗ ମଡ଼େଲ ପୃଷ୍ଠଭୂମିରେ ଥିବା ଚିନ୍ତା ସଂପର୍କରେ ଆଲୋଚନା କର ?

୨) ୱେଷ୍ଟଲି ଓ ମ୍ୟାକ୍‌ଲି ଯୋଗାଯୋଗ ମଡ଼େଲର ଚିନ୍ତାଧାରା କଣ ?

୩) ୱେଷ୍ଟଲି ଓ ମ୍ୟାକ୍‌ଲି ଯୋଗାଯୋଗ ମଡ଼େଲ ଉପଯୋଗୀତା କଣ ?

ଲିନିୟର ମଡ଼େଲ : ଲିନିୟର ମଡ଼େଲ ହେଉଛି ଏକଦିଗଯୁକ୍ତ ଯାହା ବା ବକ୍ତା ନିକଟରୁ ଶ୍ରୋତା ନିକଟକୁ ବାର୍ତ୍ତା ପ୍ରେରଣ କରିଥାଏ । ଏହା ପ୍ରଭାବଶାଳୀ ବା ପ୍ରଭାବହୀନ ହୋଇପାରେ । ଏହି ମଡ଼େଲ ଉଭୟ ଭୂଲମ୍ବକାର ବା ଭୂସମାନ୍ତର ହୋଇପାରେ । ପୂର୍ବରୁ ପ୍ରଚଳିତ ଯୋଗାଯୋଗ ମଡ଼େଲଗୁଡ଼ିକ ଲିନିୟର ମଡ଼େଲ ଅନ୍ତର୍ଭୁକ୍ତ ଥିଲା । ଏଗୁଡ଼ିକ ଭିତ୍ତିଭୂମି ମଡ଼େଲ ଯାହା ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରାର ପରିପ୍ରକାଶ କରାଇଥାଏ । ପରବର୍ତ୍ତୀ ସମୟରେ ଏହା ଅଣଲିନିୟର, ମତ ବିନିମୟ, ଆଦାନପ୍ରଦାନ ଓ ଏକୀକୃତ ମଡ଼େଲ ବିକାଶରେ ସହାୟକ ହୋଇପାରିଛି ।

ଅଣଲିନିୟର ମଡ଼େଲ : ଅଣଲିନିୟର ମଡ଼େଲରେ ସାଇବରନେଟିକ୍ ନିୟମାବଳୀ ଅନୁସୃତ ହୋଇଥାଏ । ସାଇବରନେଟିକ୍ ବର୍ଣ୍ଣନାରେ ୪ଟି ପ୍ରମୁଖ ଉପାଦାନ ହେଲା ସୂଚନା, ମତାମତ, ନେଟୱ୍ୱର୍କ ଓ ଉଦ୍ଦେଶ୍ୟ ସଂକ୍ରାନ୍ତ ଚିନ୍ତାଧାରା । ମାନବିକ ଯୋଗାଯୋଗ ଅଣଲିନିୟର ମଡ଼େଲରେ ବର୍ଣ୍ଣନା କରାଯାଇଥାଏ । ଏହି ମଡ଼େଲରେ ମତବିନିମୟ, ସ୍ୱ-ଉତ୍ପାଦନ, ସୂଚନାର ପାରସ୍ପରିକ ବିନିମୟର ବିଶ୍ଳେଷଣାତ୍ମକ ଚିନ୍ତାଧାରା ବର୍ଣ୍ଣିତ ହୋଇଥାଏ । ଅଣଲିନିୟର ମଡ଼େଲରେ ବାର୍ତ୍ତା ଦୁଇଦିଗ ବା ବହୁଦିଗରେ ପ୍ରବାହିତ ହୋଇଥାଏ । ଏହି ମଡ଼େଲ ବୃତ୍ତାକାର ବା ଏକୀକୃତ ମଡ଼େଲ ହୋଇଥାଏ ।

୩) ଯୋଗାଯୋଗ ମଡ଼େଲର ଉପଯୋଗୀତା କଣ ରହିଛି ?

ଉତ୍ତର : ମର୍ଟେନସେନଙ୍କ ମତରେ ଏକ ଉତ୍ତମ ମଡ଼େଲ ସେତେବେଳେ ଫଳପ୍ରଦ ହୋଇପାରେ ଯେତେବେଳେ ଏହା ପ୍ରଶ୍ନ ଓ ଅନୁଶୀଳନର ବାଖ୍ୟା ଦୃଷ୍ଟିକୋଣରୁ ଉଭୟ ସାଧାରଣ ଓ ନିର୍ଦ୍ଦିଷ୍ଟ ଭାବନାର ପ୍ରକାଶ କରିଥାଏ ।

ଯୋଗାଯୋଗ ମଡ଼େଲର ଗୁରୁତ୍ୱ :

କ) ଜଟିଳ ଘଟଣାର ବିଷୟବସ୍ତୁ ସ୍ପଷ୍ଟ କରିବାରେ ମଡ଼େଲ ସହାୟକ ହୋଇଥାଏ ।

ଖ) ଏ କ୍ଷେତ୍ରରେ ପରବର୍ତ୍ତୀ ଗବେଷଣା ପାଇଁ ନିଷ୍କର୍ଷ ବାହାର କରିବାରେ ସହାୟତା

୪) ଯୋଗାଯୋଗ ମଡ଼େଲର ସୀମିତତା କଣ ?

ଉତ୍ତର : ଯୋଗଯୋଗ ମଡ଼େଲର ସୀମିତତା ହେଲା;

କ) ମାତ୍ରାଧିକ ସରଳୀକରଣର ବିଭ୍ରାନ୍ତ

ଖ) ପ୍ରସଙ୍ଗ ହରାଇବାର ଆଶଙ୍କା - ତୁଳନାର ଗୁରୁତ୍ୱପୂର୍ଣ୍ଣ ଦିଗ ମଡ଼େଲ ହରାଇବାର ଆଶଙ୍କା ରହିଥାଏ ।

ଗ) ପ୍ରଦର୍ଶିତ ମଡ଼େଲ ଓ ଆଚରଣ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି

**ଦ୍ୱିତୀୟ ଏକକ :**

୧) ଲାସ୍‌ୱେଲଙ୍କ ଯୋଗାଯୋଗ ମଡ଼େଲରେ ଉପଯୋଗୀତା ଓ ସମସ୍ୟା କଣ ?

ଉତ୍ତର : ଲାସ୍‌ୱେଲ ମଡ଼େଲ ଅନୁଯାୟୀ ବହୁସଂସ୍କୃତି ସମାଜରେ ବାର୍ତ୍ତା ବହୁ ଦର୍ଶକଙ୍କ ମଧ୍ୟରେ ପ୍ରସାରିତ ହୋଇଥାଏ । ବିଭିନ୍ନ ମାଧ୍ୟମରେ ଏହି ବାର୍ତ୍ତା ପ୍ରବାହିତ ହୋଇଥାଏ । ଲାସ୍‌ୱେଲଙ୍କ ଯୋଗାଯୋଗ ମଡ଼େଲ ଆରିଷ୍ଟୋଟ୍‌ଲଙ୍କ ଯୋଗାଯୋଗ ମଡ଼େଲ ଅନୁରୂପ ।

ଲାସ୍‌ୱେଲଙ୍କ ମଡ଼େଲଙ୍କ ଉପଯୋଗୀତ :

- ଏହା ସହଜ ଓ ସରଳ
- ସମସ୍ତ ପ୍ରକାର ଯୋଗାଯୋଗକୁ ଏହା ସୁହାଇଥାଏ
- ପ୍ରଭାବିତ ଚିନ୍ତାଧାରାକୁ ବିଚାରକୁ ନିଆଯାଇଥାଏ

ଲାସ୍‌ୱେଲଙ୍କ ମଡ଼େଲର ସମସ୍ୟା :

- ମତାମତ ଉଲ୍ଲେଖ ନାହିଁ ।
- ଯୋଗାଯୋଗ ପ୍ରକ୍ରିୟାରେ ଦ୍ୱନ୍ଦ୍ୱ ବା ବିଘ୍ନ ଉଲ୍ଲେଖ ନାହିଁ ।

୨) ଅସ୍‌ଗୁଡ଼ - ସ୍କରାମଙ୍କ ଯୋଗାଯୋଗ ମଡ଼େଲ ସଂପର୍କରେ ସଂକ୍ଷେପରେ ବର୍ଣ୍ଣନା କର ?

ଉତ୍ତର : ସ୍କରାମଙ୍କ ଯୋଗାଯୋଗ ମଡ଼େଲ ୧୯୫୪ ମସିହାରେ ୱିଲବର ସ୍କରାମଙ୍କ ପ୍ରଣୀତ ହୋଇଥିଲା । ଏଥିରେ ସେ ଯୋଗାଯୋଗକୁ ଦୁଇ ପାଖିଆ ମାର୍ଗ ଭାବେ ଗ୍ରହଣ କରିଛନ୍ତି । ଏଥିରେ ଉଭୟ ପ୍ରେରକ ଓ ପ୍ରାପକ କ୍ରମାନ୍ୱୟରେ ବାର୍ତ୍ତା ପ୍ରେରଣ କରନ୍ତି ଓ ଗ୍ରହଣ କରିଥାନ୍ତି ।

ଏହି ମଡ଼େଲରେ ଯୋଗାଯୋଗକୁ ଏକ ଅସରନ୍ତି ପ୍ରକ୍ରିୟା ଭାବେ ବିବେଚନା କରାଯାଇଛି । ବାର୍ତ୍ତା ଓ ମତାମତକୁ ନେଇ ଏହା ଗଠିତ ।

ପ୍ରତ୍ୟେକ ବ୍ୟକ୍ତି ଉଭୟ ପ୍ରେରକ ଓ ପ୍ରାପକ । ତେଣୁ ନିଜ କ୍ରମରେ ପ୍ରତ୍ୟେକ ବାର୍ତ୍ତାର ବାଖ୍ୟା କରିଥାନ୍ତି । ବାଖ୍ୟାକୃତ ତଥ୍ୟକୁ ସୂଚନା କୁହାଯାଇଥାଏ । ଏହା ଯୋଗାଯୋଗକୁ ପ୍ରଭାବଶାଳୀ କରିଥାଏ, କିନ୍ତୁ ସମସ୍ୟା ମଧ ସୃଷ୍ଟି କରିପାରେ । କାରଣ ଏନକୋଡ଼ିଂ ପରେ ପ୍ରେରିତ ବାର୍ତ୍ତା ଓ ପ୍ରାପକ ଦ୍ୱାରା ଗୃହୀତ ଡିକୋଡ଼େଡ଼ ବାର୍ତ୍ତା ମଧ୍ୟରେ ବେଳେବେଳେ ସାମଞ୍ଜସ୍ୟ ରହିନଥାଏ । ତେଣୁ କେବଳ ପ୍ରେରକ ଓ ପ୍ରାପକଙ୍କ ସଂପର୍କରେ କହୁଥିବା ଅନ୍ୟ ପାରମ୍ପରିକ ମଡ଼େଲ ପରି ଏହା ନୁହେଁ ।

ମତାମତ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯାହା ପ୍ରେରକକୁ ପ୍ରାପକର ଆବଶ୍ୟକତା ଅନୁଯାୟୀ ବାଖ୍ୟାତ୍ମକ ବାର୍ତ୍ତା ମିଳିଲା କି ନାହିଁ ସେ ସଂପର୍କରେ ସୂଚୀତ କରିଥାଏ । ଯଦି ପ୍ରାପକ ବାର୍ତ୍ତା ସଂପର୍କରେ କିଛି ବୁଝିନପାରେ ଏବଂ ମତାମତ ଆଶାଠାରୁ ଭିନ୍ନ ହୁଏ ତାହାଲେ ବାର୍ତ୍ତା ମୂଲ୍ୟହୀନ ହୋଇଥାଏ ।

୩) ସ୍କରାମଙ୍କ ଯୋଗାଯୋଗ ମଡ଼େଲର ବିଭିନ୍ନ ଉପାଦାନଗୁଡ଼ିକ କଣ ?

ଉତ୍ତର : ଯୋଗାଯୋଗ ପାଇଁ ସ୍କରାମ୍ ମଡ଼େଲରେ ବିଭିନ୍ନ ଉପାଦାନ ରହିଛି । ସେଗୁଡ଼ିକ ହେଲା

- ପ୍ରେରକ ହେଉଛନ୍ତି ବ୍ୟକ୍ତି ଯିଏ ବାର୍ତ୍ତା ପ୍ରେରଣ କରିଥାନ୍ତି
- ବାର୍ତ୍ତାକୁ ସାଙ୍କେତିକ ଭାଷାରେ ରୂପାନ୍ତର କରୁଥିବା ବ୍ୟକ୍ତିଙ୍କୁ ଏନକୋଡ଼ର କୁହାଯାଇଥାଏ ।
- ଏନକୋଡ଼ର ନିକଟରୁ ସାଙ୍କେତିକ ଭାଷାରେ ବାର୍ତ୍ତା ପାଇବା ପରେ ଏହାକୁ ବୋଧଗମ୍ୟ ଭାଷାରେ ପରିବର୍ତ୍ତନ କରିପାରୁଥିବା ବ୍ୟକ୍ତିଙ୍କୁ ଡିକୋଡ଼ର କୁହାଯାଇଥାଏ ।

- ବାର୍ତ୍ତା ବୁଝି ଏହାକୁ ବିଶ୍ଳେଷଣ କରୁଥିବା ବ୍ୟକ୍ତିଙ୍କୁ ବାଖ୍ୟାକାରୀ କୁହାଯାଇଥାଏ । ବାଖ୍ୟା ପରେ ବାର୍ତ୍ତା ଗ୍ରହଣ କରାଯାଇଥାଏ । ବାଖ୍ୟାକାରୀ ଓ ପ୍ରାପକ ବା ଗ୍ରହଣକାରୀ ହେଉଛନ୍ତି ଜଣେ ବ୍ୟକ୍ତି ।
- ବାର୍ତ୍ତା ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ପ୍ରାପକ କୁହାଯାଇଥାଏ । ସେ ବାର୍ତ୍ତାର ସାଙ୍କେତିକ ଭାଷାକୁ ବୋଧଗମ୍ୟ ଭାଷାରେ ରୂପାନ୍ତର କରିବା ସହ ବାଖ୍ୟା କରିଥାନ୍ତି ।
- ବାର୍ତ୍ତା ହେଉଛି ତଥ୍ୟ ଯାହା ପ୍ରେରକ ପଠାଇଥାନ୍ତି ଓ ଯେଉଁ ସୂଚନା ପ୍ରାପକ ପାଇଥାନ୍ତି ।
- ପ୍ରାପକ ବାର୍ତ୍ତା ଉପରେ କିପ୍ରକାର ପ୍ରତିକ୍ରିୟା ପ୍ରକାଶ କଲେ ସଂପୃକ୍ତତ ପ୍ରକ୍ରିୟାକୁ ମତାମତ କୁହାଯାଇଥାଏ ।
- ବାର୍ତ୍ତା ପ୍ରେରଣ ପାଇଁ ଯେଉଁ ମାର୍ଗ ବ୍ୟବହାର କରାଯାଏ ତାହାକୁ ମାଧ୍ୟମ କୁହାଯାଇଥାଏ ।
- କୋଳାହଳ ହେଉଛି ପ୍ରକ୍ରିୟା ସମୟରେ ହସ୍ତକ୍ଷେପ କରିବା ବା ବିଘ୍ନ ସୃଷ୍ଟି କରିବା । ପ୍ରେରକ ପଠାଇଥିବା ବାର୍ତ୍ତାର ମର୍ମ ଓ ପ୍ରାପକ ଗ୍ରହଣ କରିଥିବା ବାର୍ତ୍ତାର ମର୍ମ ଯଦି ଭିନ୍ନ ହେଲା ତାହାକୁ ଭାଷାଗତ କୋଳାହଳ କୁହାଯାଇଥାଏ ।

୪) ସ୍କରାମଙ୍କ ଯୋଗାଯୋଗ ମଡ଼େଲର କାର୍ଯ୍ୟକାରିତା ସଂପର୍କରେ ବର୍ଣ୍ଣନା କର ?

ଉତ୍ତର : ଏହି ମଡ଼େଲ ଦର୍ଶାଇଥାଏ ଯେ, ଭାବ କିପରି ବ୍ୟକ୍ତି ବା ଗୋଷ୍ଠୀ ନିକଟରୁ ଅନ୍ୟ ନିକଟକୁ ପ୍ରସାରିତ ହୋଇଥାଏ । ଉଭୟ ଅନ୍ତଃବ୍ୟକ୍ତି ଓ ଆନ୍ତବ୍ୟକ୍ତି ଯୋଗାଯୋଗରେ ସ୍କରାମ ଯୋଗାଯୋଗ ମଡ଼େଲ ଉପଯୋଗ ହୋଇଥାଏ ।

ଏହି ମଡ଼େଲରେ ଯୋଗାଯୋଗକୁ ଏକ ଅସରନ୍ତି ପ୍ରକ୍ରିୟା ଭାବେ ବିବେଚନା କରାଯାଇଛି । ବାର୍ତ୍ତା ଓ ମତାମତକୁ ନେଇ ଏହା ଗଠିତ ।

ପ୍ରତ୍ୟେକ ବ୍ୟକ୍ତି ଉଭୟ ପ୍ରେରକ ଓ ପ୍ରାପକ । ତେଣୁ ନିଜ କ୍ରମରେ ପ୍ରତ୍ୟେକ ବାର୍ତ୍ତାର ବାଖ୍ୟା କରିଥାନ୍ତି । ବାଖ୍ୟାକୃତ ତଥ୍ୟକୁ ସୂଚନା କୁହାଯାଇଥାଏ । ଏହା ଯୋଗାଯୋଗକୁ ପ୍ରଭାବଶାଳୀ କରିଥାଏ, କିନ୍ତୁ ସମସ୍ୟା ମଧ୍ୟ ସୃଷ୍ଟି କରିପାରେ । କାରଣ ଏନକୋଡ଼ିଂ ପରେ ପ୍ରେରିତ ବାର୍ତ୍ତା ଓ ପ୍ରାପକ ଦ୍ୱାରା ଗୃହୀତ ଡିକୋଡ଼େଡ଼ ବାର୍ତ୍ତା ମଧ୍ୟରେ ବେଳେବେଳେ ସାମଞ୍ଜସ୍ୟ ରହିନଥାଏ । ତେଣୁ କେବଳ ପ୍ରେରକ ଓ ପ୍ରାପକଙ୍କ ସଂପର୍କରେ କହୁଥିବା ଅନ୍ୟ ପାରମ୍ପରିକ ମଡ଼େଲ ପରି ଏହା ନୁହେଁ ।

୫) ଅଭିଜ୍ଞତା କ୍ଷେତ୍ର କଣ ?

ଉତ୍ତର : ବାର୍ତ୍ତାର ବୋଧଗମ୍ୟତା ଓ ବାଖ୍ୟାକୁ ଅଭିଜ୍ଞତା କ୍ଷେତ୍ର ପ୍ରଭାବିତ କରିଥାଏ । ଏଗୁଡ଼ିକ ହେଲା ସଂସ୍କୃତି, ସାମାଜିକ ପୃଷ୍ଠଭୂମି, ବିଶ୍ୱାସ, ଅନୁଭବ, ମୂଲ୍ୟବୋଧ ଓ ନିୟମାବଳୀ ।

ସମାନ ବାର୍ତ୍ତା ଭିନ୍ନଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଭିନ୍ନ ଭାବେ ବାଖ୍ୟା କରାଯାଇଥାଏ । ପ୍ରେରକ ଓ ପ୍ରାପକ ଯଦି ସମାନ ଶବ୍ଦ ଓ ସଂକେତ ବ୍ୟବହାର କରିଥାନ୍ତି ତାହାଲେ ଯୋଗାଯୋଗ ଅଧିକ ପ୍ରଭାବଶାଳୀ ହୋଇଥାଏ ।

## ତୃତୀୟ ଏକକ :

୧) ଶାନନ୍ - ୱିଭର ଯୋଗାଯୋଗ ମଡ଼େଲ ସଂପର୍କରେ ବର୍ଣ୍ଣନା କର ?

ଉତ୍ତର : ୧୯୪୮ ମସିହାରେ ଆମେରିକୀୟ ଗଣିତଜ୍ଞ ତଥା ଇଲେକ୍‌ଟ୍ରୋନିକ ଇଞ୍ଜିନିୟର ଶାନନ୍ ଓ ଆମେରିକୀୟ ବୈଜ୍ଞାନିକ ମିଳିତ ଭାବେ ଏକ ପ୍ରବନ୍ଧରେ ବେଲ ଥିଓରି ଅଫ କମ୍ୟୁନିକେଶନ ଲେଖିଲେ । ଏହାକୁ ଶାନନ୍ - ୱିଭର ଯୋଗାଯୋଗ ମଡ଼େଲ ବୋଲି କୁହାଯାଏ । ମୁଖ୍ୟତଃ ପ୍ରେରକ ଓ ଗ୍ରାହକଙ୍କ ମଧ୍ୟରେ ଫଳପ୍ରଦ ଯୋଗାଯୋଗ ପାଇଁ ଏହି ମଡ଼େଲ ବିକଶିତ କରାଯାଇଥିଲା । ଯୋଗାଯୋଗ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଥିବା କେତେକ ବିଷୟ ଏହି ମଡ଼େଲରେ ସେମାନେ ଚିହ୍ନଟ କରିଥିଲେ ଯାହାକୁ 'ନଏଜ୍' ବା ଦ୍ୱନ୍ଦ୍ୱ କୁହାଗଲା । ବୈଷୟିକ ଯୋଗାଯୋଗରେ ଉନ୍ନତି ଆଣିବା ପାଇଁ ପ୍ରଥମେ ଏହି ମଡ଼େଲ ବିକାଶ କରାଗଲା ।

୨) ଶାନନ୍ - ୱିଭର ଯୋଗାଯୋଗ ମଡ଼େଲର ସୀମିତତା କଣ ?

ଉତ୍ତର : ନିମ୍ନରେ ଶାନନ୍ ଓ ୱିଭର ଯୋଗାଯୋଗ ମଡ଼େଲର ତ୍ରୁଟି ଉଲ୍ଲେଖ କରାଗଲା ।

- ଗୋଷ୍ଠୀ ବା ଗଣ ଦର୍ଶକ ଯୋଗାଯୋଗ ତୁଳନାରେ ବ୍ୟକ୍ତି - ବ୍ୟକ୍ତି ଯୋଗାଯୋଗ କ୍ଷେତ୍ରରେ ଏହା ଅଧିକ ଫଳପ୍ରଦ
- ଏହି ମଡ଼େଲ ପ୍ରେରକ ଓ ପ୍ରାପକଙ୍କୁ ନେଇ ପ୍ରସ୍ତୁତ କରାଯାଇଛି । ଏଠି ପ୍ରେରକ ପ୍ରାଥମିକ ଭୂମିକା ତୁଲାଇଥାନ୍ତି ଓ ପ୍ରାପକ ପରବର୍ତ୍ତୀ ଭୂମିକା ତୁଲାଇଥାନ୍ତି ।
- ଯୋଗାଯୋଗ ଏକତରଫା ପ୍ରକ୍ରିୟା ନୁହେଁ । ମତାମତ ଅଭାବରେ ଏହା ଏକତରଫା ଯୋଗାଯୋଗ ହୋଇଥାଏ।

୩) ଡି ଫ୍ଲେୟୁର ଯୋଗାଯୋଗ ମଡ଼େଲ ସଂପର୍କରେ ସଂକ୍ଷିପ୍ତ ବିବରଣୀ ଦିଅ ?

ଉତ୍ତର : ଡି ଫ୍ଲେୟୁର କେବଳ ଶାନନ୍ - ୱିଭର ଯୋଗାଯୋଗ ମଡ଼େଲର ସଂପ୍ରସାରଣ କରି ଏଥିରେ ଗଣମାଧ୍ୟମ ବ୍ୟବସ୍ଥାକୁ ସଂଯୋଗ କରିଛନ୍ତି । ଯୋଗଯୋଗ ପ୍ରକ୍ରିୟା ବର୍ତ୍ତୁଳାକାର ଏବଂ ଏହା ଦୁଇତରଫା ମତାମତ ମଧ୍ୟ ଦେଇପାରେ ବୋଲି ସେ ଦର୍ଶାଇଛନ୍ତି । ସମଗ୍ର ଯୋଗାଯୋଗ ପ୍ରକ୍ରିୟାର ଯେକୌଣସି ସ୍ତରରେ ବିଭ୍ରାଟ ବା ଦ୍ୱନ୍ଦ୍ୱ ଦେଖା ଦେଇପାରେ । ଡି ଫ୍ଲେୟୁର ସୂତ୍ର, ପ୍ରେରକ, ଲକ୍ଷ୍ୟ ଓ ପ୍ରାପକଙ୍କୁ ଗଣ ଯୋଗାଯୋଗ ପ୍ରକ୍ରିୟାରେ ସ୍ୱତନ୍ତ୍ର ପର୍ଯ୍ୟାୟଭୁକ୍ତ କରିଛନ୍ତି ।

ଡି ଫ୍ଲେୟୁର କୁହନ୍ତି ତାଙ୍କ ମଡ଼େଲ ଏକ 'ମତାମତ ବ୍ୟବସ୍ଥା' । ଏହି ମତାମତ ବ୍ୟବସ୍ଥା ଲକ୍ଷ୍ୟଧାର୍ଯ୍ୟ ଶ୍ରୋତା ବା ଦର୍ଶକ ବିଶ୍ଳେଷଣରେ ସହାୟକ ହୋଇଥାଏ । ଏଠାରେ ସମସ୍ତ ଗ୍ରହୀତା ବା ପ୍ରାପକଙ୍କୁ ଲକ୍ଷ୍ୟଧାର୍ଯ୍ୟ ଦର୍ଶକ ଭାବେ ଗ୍ରହଣ କରାଯାଏ ନାହିଁ । କାରଣ ଲକ୍ଷ୍ୟଧାର୍ଯ୍ୟ ଦର୍ଶକ କିଛି ନା କିଛି ମତାମତ ପ୍ରଦାନ କରିଥାନ୍ତି ଯାହା 'ମତାମତ ବ୍ୟବସ୍ଥା' ବ୍ୟବହାର କରି ଲକ୍ଷ୍ୟଧାର୍ଯ୍ୟ ଦର୍ଶକ ଚିହ୍ନଟରେ ସହାୟକ ହୋଇଥାଏ ।

୪) ଡି ଫ୍ଲେୟୁର ଯୋଗାଯୋଗ ମଡ଼େଲ ଓ ଶାନନ୍ - ୱିଭର ଯୋଗଯୋଗ ମଡ଼େଲର ତୁଳନାତ୍ମକ ବିବରଣୀ ପ୍ରଦାନ କର ?

ଉତ୍ତର : ଏହି ଦୁଇ ମଡ଼େଲ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । ଶାନନ୍ - ୱିଭର ଯୋଗାଯୋଗ ମଡ଼େଲ ହେଉଛି ଏକତରଫା ଯୋଗାଯୋଗବିଶିଷ୍ଟ । ଡି ଫ୍ଲେଲ୍ୟୁର ମଡ଼େଲ ମଧ୍ୟ ଏକତରଫାରୁ ଆରମ୍ଭ ହୋଇ ଦୁଇତରଫା ଯୋଗାଯୋଗକୁ ଗତି କରିଛି ।

୫) ଦୁଇ ସୋପାନ ଫ୍ଲୋ ବା ପ୍ରବାହ ମଡ଼େଲ କହିଲେ କଣ ବୁଝ ଏବଂ ଏଥିରେ ଜନମତ ସୃଷ୍ଟିକାରୀ ଚିନ୍ତାଧାରା କିପରି ଭାବେ ବ୍ୟବହାର କରାଯାଇଛି ?

ଉତ୍ତର : ଆମେରିକୀୟ ସମାଜ ବିଜ୍ଞାନୀ ପଲ୍ ଲାଜାରଫେଲ୍ଡ, ବର୍ଣ୍ଣାଡ଼ ବେରେଲସନ ଓ ହାଜେଲ୍ ଗୌଡ଼େଟ ନିଜ ପୁସ୍ତକରେ ଦୁଇ ସୋପାନ ଫ୍ଲୋ ବା ପ୍ରବାହ ଯୋଗାଯୋଗ ପ୍ରଚଳନ କରିଛନ୍ତି ।

ଜନମତ ସୃଷ୍ଟିକାରୀ ଚିନ୍ତାଧାରା : ଜନମତ ସୃଷ୍ଟିକାରୀ ହେଉଛନ୍ତି ଏକ ଗୋଷ୍ଠୀର ମୁଖ୍ୟ ଯିଏ ଗୋଷ୍ଠୀର ସ୍ୱଳ୍ପ ସକ୍ରିୟ ଥିବା ସଦସ୍ୟଙ୍କୁ ସୂଚନା ଓ ପୁଙ୍ଖାନୁପୁଙ୍ଖ ବାର୍ତ୍ତା ପ୍ରଦାନ କରିଥାନ୍ତି । କାର୍ଯ୍ୟାଳୟରେ ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି ଜନମତ ସୃଷ୍ଟିକାରୀ ଏବଂ ସାର୍ବଜନୀନ କ୍ଷେତ୍ରରେ ରାଜନୈତିକ ନେତା ହେଉଛନ୍ତି ଜନମତ ସୃଷ୍ଟିକାରୀ। ଏମାନେ ନିଜ ଗୋଷ୍ଠୀ ପାଇଁ ସୂଚନାର ବାଖ୍ୟା କରିଥାନ୍ତି ।

ସାର୍ବଜନୀନ କ୍ଷେତ୍ରରେ ରାଜନୈତିକ ନେତା ଜନମତ ସୃଷ୍ଟିକାରୀ । ସାଧାରଣତଃ ଜନତାଙ୍କଠାରୁ ଦୂରେଇ ରହୁଥିବା ବ୍ୟକ୍ତିଙ୍କୁ ଜନମତ ସୃଷ୍ଟିକାରୀ ଭାବେ ଜନତା ଗ୍ରହଣ କରିନଥାନ୍ତି ।

କାଜ୍ ଓ ପଲ୍‌ଙ୍କ ମତରେ 'ଟିଭି ଓ ରେଡ଼ିଓ ଜରିଆରେ ଗଣମାଧ୍ୟମ ବାର୍ତ୍ତା ଜନମତ ସୃଷ୍ଟିକାରୀଙ୍କ ନିକଟରେ ପହଞ୍ଚିଥାଏ । ଜନମତ ସୃଷ୍ଟିକାରୀ ଏହି ବାର୍ତ୍ତାକୁ ସ୍ୱଳ୍ପ ସକ୍ରିୟ ଥିବା ଜନତାଙ୍କ ନିକଟରେ ନେଇ ପହଞ୍ଚାଇଥାନ୍ତି ।' କେତେକ କ୍ଷେତ୍ରରେ ଜନମତ ସୃଷ୍ଟିକାରୀ ମୂଳ ବିଷୟବସ୍ତୁରେ ନିଜ ଆଭିମୁଖ୍ୟ ମଧ୍ୟ ସଂଯୋଗ କରିଦେଇଥାନ୍ତି । ଏହା ସ୍ୱଳ୍ପ ସକ୍ରିୟ ଥିବା ଜନତାଙ୍କୁ ପ୍ରଭାବିତ କରିଥାଏ । ସେହିପରି କେତେକ କ୍ଷେତ୍ରରେ ଜନମତ ସୃଷ୍ଟିକାରୀ ନିଜ ବିଶ୍ୱାସ ଦୃଷ୍ଟିକୋଣରୁ ବାର୍ତ୍ତାର ମୂଳ ବିଷୟବସ୍ତୁରୁ କେତେକ ବିଷୟ ବାଦ ଦେଇଥାନ୍ତି ।

**ଚତୁର୍ଥ ଏକକ :**

ପ୍ରଶ୍ନ : ୧ : କିନ୍‌କେଡ଼ / କନଭର୍ଜେନ୍‌ସ ଯୋଗାଯୋଗ ମଡ଼େଲ ପୃଷ୍ଠଭୂମିରେ ଥିବା ଚିନ୍ତାଧାରା କଣ ?

ଉତ୍ତର : ଏକୀକୃତ ଯୋଗାଯୋଗ ମଡ଼େଲ କିନ୍‌କେଡ଼ ମଡ଼େଲ ଭାବେ ପରିଚିତ । ସାମାଜିକ ଓ ବ୍ୟବହାରିକ ବିଜ୍ଞାନ ବୈଜ୍ଞାନିକ ଡି ଲରେନ୍ସ କିନ୍‌କେଡ଼ ଏହି ମଡ଼େଲ ବିକାଶ କରିଥିଲେ । ଏହା ଅଣଲିନିୟର ଯୋଗାଯୋଗ ମଡ଼େଲ ଯେଉଁଥିରେ ଦୁଇଜଣ ଯୋଗାଯୋଗକାରୀ ଏକ ପାରସ୍ପରିକ ବୁଝାମଣାରେ ଉପନୀତ ହୋଇଥାନ୍ତି । ଯୋଗାଯୋଗ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି ବା ଗୋଷ୍ଠୀ ମଧ୍ୟରେ ଯେତେବେଳେ ସୂଚନାର ବିନିମୟ ଘଟେ ସେତେବେଳେ ପାରସ୍ପରିକ ବୁଝାମଣା ଓ ପାରସ୍ପରିକ ରାଜିନାମା ଦିଗରେ ମିଳିତ କାର୍ଯ୍ୟାନ୍ୱୟନ ଘଟିଥାଏ। ନିଷ୍ପତ୍ତି ଗ୍ରହଣ ପୂର୍ବରୁ ସୂଚନା ବୁଝି, ବାଖ୍ୟା କରି ଓ ଫଳପ୍ରଦ ଭାବେ ବ୍ୟକ୍ତି ଦ୍ୱାରା ପରିକଳ୍ପିତ କରାଯାଇଥାଏ । ଏହି ମଡ଼େଲର ଯୋଗାଯୋଗକୁ ଏକକ ଘଟଣା ପରିବର୍ତ୍ତେ ବିନିମୟ ପ୍ରକ୍ରିୟା ଦୃଷ୍ଟିରେ ଦେଖାଯାଇଥାଏ । ବ୍ୟକ୍ତି ମଧ୍ୟରେ ଥିବା ଯୋଗସୂତ୍ର ଓ ସୂଚନା ବିନିମୟକୁ ଏହି ମଡ଼େଲରେ ଗୁରୁତ୍ୱ ଦିଆଯାଇଥାଏ ।

ପ୍ରଶ୍ନ : ୨: ଉଦାହରଣ ସହ ହେଲିକାଲ ଯୋଗାଯୋଗ ମଡ଼େଲ ବର୍ଣ୍ଣନା କର ?

ଉତ୍ତର : କୁଣ୍ଡଳି ଦ୍ୱାରା ଅନୁପ୍ରେରିତ ହୋଇ ୧୯୬୭ ମସିହାରେ ଫ୍ରାଙ୍କ ଡ୍ୟାନ୍‌ସ ଏକ ମଡ଼େଲ ପ୍ରଣୟନ କରିଥିଲେ, ଯାହା ହେଲିକାଲ ଯୋଗାଯୋଗ ମଡ଼େଲ ଭାବେ ପରିଚିତ । ଏକ କୁଣ୍ଡଳି ହେଉଛି ତିନି ପରିମେୟ ସିଲିଣ୍ଡର ବା କୋନ ଆକୃତିର ସ୍ପ୍ରିଙ୍ଗ ପରି ବକ୍ର । ଯୋଗାଯୋଗ ବିବର୍ତ୍ତନରେ ହେଲିକ୍ସକୁ ମଣିଷର ଜନ୍ମ ଠାରୁ ସାଂପ୍ରତିକ ଅବସ୍ଥା ପର୍ଯ୍ୟନ୍ତ ତୁଳନା କରାଯାଇପାରେ । ହେଲିକାଲ ମଡ଼େଲ ଯୋଗାଯୋଗ କ୍ଷେତ୍ରରେ ଜ୍ୟାମିତିକ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ଏହି ମଡ଼େଲ ଏକକ ଭାବେ ଲିନିୟର ବା ଗୋଲାକାର ନୁହେଁ । କିନ୍ତୁ ଲିନିୟର ଓ ଗୋଲାକାରର ଏହା ଏକ ସମିଶ୍ରଣ ।

ପ୍ରଶ୍ନ : ୩ : ହେଲିକାଲ ଯୋଗାଯୋଗ ମଡ଼େଲର ଉପଯୋଗିତା କଣ ?

ଉତ୍ତର : ହେଲିକାଲ ଯୋଗାଯୋଗ ମଡ଼େଲର ଉପଯୋଗିତା

କ) ଏହି ମଡ଼େଲରେ ପ୍ରେରକ ଓ ପ୍ରାପକ ଅନ୍ତଃବିନିମୟଶୀଳ ଓ ଯୋଗାଯୋଗ ପ୍ରକ୍ରିୟାକୁ ଦୁଇତରଫା ହୋଇଥାଏ।

ଖ) ମଡ଼େଲରେ ଯୋଗାଯୋଗ ପ୍ରକ୍ରିୟା ଅନୁମାନଶୀଳ ଓ ବୈଦ୍ଧିକ ।

ପ୍ରଶ୍ନ : ହେଲିକାଲ ଯୋଗାଯୋଗ ମଡ଼େଲର ସମସ୍ୟା କଣ ?

ଉତ୍ତର : ହେଲିକାଲ ଯୋଗାଯୋଗ ମଡ଼େଲର ସମସ୍ୟା :

୧) ଆବଶ୍ୟକତାଠାରୁ ଏହି ମଡ଼େଲ ଅଧିକ ସରଳ ।

୨) ଏଥିରେ ଖୁବ୍ କମ୍ ବିବିଧତା ଥିବାରୁ ଅନେକ ସମାଲୋଚକ ଏହାକୁ ମଡ଼େଲ ଭାବେ ଗ୍ରହଣ କରିନଥାନ୍ତି ।

୩) ଏହା ସଂକ୍ଷିପ୍ତ ହୋଇଥିବାରୁ ପରୀକ୍ଷଣଯୋଗ୍ୟ ନୁହେଁ ।

୪) ଏହା ପଦ୍ଧତିଗତ ଓ ଶୃଙ୍ଖଳିତ ନୁହେଁ ।

## ୪.୧୨ ସହାୟକ ଗ୍ରନ୍ଥସୂଚୀ


- ମାକ୍‌କ୍ୱେଲ, ଡ଼େନିସ୍, 'ମାକ୍‌କ୍ୱେଲସ୍ ମାସ କମ୍ୟୁନିକେସନ ଥିଓରି', ସେଜ୍ ପବ୍ଲିକେଶନ ଲିମିଟେଡ଼, ଲଣ୍ଡନ, ୨୦୦୫ ।
- ସାଲୱେନ, ମିଚେଲ ବି, ଷ୍ଟାକସ୍, ଡ଼ନ୍ ଡ଼ବ୍ଲ୍ୟୁ, 'ଆନ୍ ଇଣ୍ଟିଗ୍ରେଟେଡ଼ ଆପ୍ରୋଚ ଟୁ କମ୍ୟୁନିକେସନ ଥିଓରି ଏଣ୍ଡ ରିସର୍ଚ୍ଚ', ଲରେନ୍‌ସ ଏର୍ଲବମ୍ ଆସୋସିଏଟ୍‌ସ, ପବ୍ଲିସର ମାହ୍ୱା, ନିୟୁ ଜର୍ସି, ୧୯୯୬ ।
- ଅଗ୍ରୱାଲଶ, ଭୀରବଲ, ଗୁପ୍ତା, ଭିଏସ୍, 'ହ୍ୟାଣ୍ଡବୁକ୍ ଅଫ ଜର୍ଣ୍ଣାଲିଜିମ୍ ଏଣ୍ଡ ମାସ୍ କମ୍ୟୁନିକେସନ, କନସେପ୍ଟ ପବ୍ଲିସିଂ କଂପାନୀ, ନୂଆଦିଲ୍ଲୀ , ୨୦୦୧ ।
- କୁମାର, କେବଲ ଜେ, 'ମାସ୍ କମ୍ୟୁନିକେସନ ଇନ୍ ଇଣ୍ଡିଆ', ଜାଇକୋ ପବ୍ଲିସିଂ ହାଉସ, ନୂଆଦିଲ୍ଲୀ, ୨୦୦୦